ରାଉରକେଲାରେ ବିଜେଡିର ୨୭ତମ ପ୍ରତିଷ୍ଠା ଦିବସ

# ଯୁବ ଓ ଛାତ୍ର ବର୍ଗ ନବୀନଙ୍କ ନେତୃତ୍ୱକୁ ଅଧିକ ପସନ୍ଦ କରୁଛନ୍ତି: ମନ୍ତ୍ରୀ

## ଜୀବନବିନ୍ଦୁ ରକ୍ତଦାନ ଶିବିରରୁ ୧୦୦ ୟୁନିଟ୍ ରକ୍ତ ସଂଗୃହୀତ





**ରାଉରକେଲା,୨୬ ।୧୨(ସମିସ):** ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜୁ ଜନତା ଦଳ (ବିଜେଡି) ବିକାଶ ପଥରେ ସଫଳତାର ୨୬ ବର୍ଷ ସମ୍ପୂର୍ଣ୍ଣ କରି ୨୭ ବର୍ଷରେ ପଦାର୍ପଣ କରିଛି। ଜନତାଙ୍କ ସାଥୀରେ ପ୍ରତି ମୁହୂର୍ତ୍ତରେ ଛିଡ଼ାହେବା ସହ କେନ୍ଦ୍ର ବିରୋଧରେ ଲଢ଼େଇ କରି ସବୁବେଳେ ଜନତାଙ୍କ ସ୍ୱାର୍ଥକୁ ପ୍ରାଧାନ୍ୟ ଦେବା ପାଇଁ ପ୍ରତିଶ୍ରୁତିବଦ୍ଧ ରହିଛି। ଆଜି ଦଳର ୨୭ତମ ପ୍ରତିଷ୍ଠା ଦିବସ ରାଜ୍ୟର ପ୍ରତି ବ୍ଲକ୍, ପଞ୍ଚାୟତ, ମହାନଗର ଓ ପୌରପାଳିକାରେ ବେଶ୍ ଉତ୍ସାହ ଉଦ୍ଦୀପନା ସହ ପାଳିତ ହୋଇଛି। ରାଉରକେଲା ବିଜେଡି ପକ୍ଷରୁ ରାଜ୍ୟ ଶ୍ରମ ଓ ଇଏସ୍ଆଇ ବିଭାଗ ମନ୍ତ୍ରୀ ତଥା ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକଙ୍କ ନେତୃତ୍ୱରେ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଏହି ଦିବସ ବେଶ୍ ଉତ୍ସାହର ସହ ପାଳିତ ହୋଇଛି। ସକାଳେ ଏକ ମାରାଥନ ଉଦିତନଗର ପଡ଼ିଆରୁ ବାହାରିଥିଲା। ଏଥିରେ ହଜାରରୁ ଊର୍ଦ୍ଧ୍ୱର୍ ସଂଖ୍ୟାରେ ଦଳୀୟ ଯୁବ, ଛାତ୍ର ଏକଜୁଟ ହୋଇ ଦଳୀୟ ପତାକା ଧରି ସାମିଲ ହୋଇଥିଲେ। ସମସ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜିନ୍ଦାବାଦ ଓ ବିଜୁ ଜନତା ଦଳ ଜିନ୍ଦାବାଦ ସ୍ଲୋଗାନ ଦେଇ ପାନପୋଷ ଗାନ୍ଧୀ ଛକ ପର୍ଯ୍ୟନ୍ତ ଯାଇ ସେଠାରୁ ହକି ଛକ ପର୍ଯ୍ୟନ୍ତ ଯାଇଥିଲେ। ନବୀନଙ୍କ ପ୍ରତି କର୍ମୀଙ୍କ ଭଲପାଇବା ଏଥିରେ ସ୍ପଷ୍ଟ ଭାବେ ବାରି ହୋଇପଡୁଥିଲା। ଏହି ମାରାଥନ ପରେ ସମସ୍ତ ଦଳୀୟ ନେତୃବୃନ୍ଦ ଯୁବ, ଛାତ୍ର, ମହିଳା ଛେଣ୍ଡ କଳିଙ୍ଗ ବିହାରସ୍ଥିତ ବିଜୁ ପଟ୍ଟନାୟକ ପ୍ରତିମୂର୍ତ୍ତି ନିକଟରେ ସମବେତ ହୋଇ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ବିଜୁ ବାବୁଙ୍କ ନାମରେ ନାମିତ ଆଞ୍ଚଳିକ ଦଳ ସାରା ରାଜ୍ୟରେ ବିକାଶ ଓ ଯୋଜନାର ସଫଳ ରୂପାୟନ କରି ସମଗ୍ର ଭାରତବର୍ଷରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ବୋଲି ଏହି ଅବସରରେ ମନ୍ତ୍ରୀ ନାୟକ କହିଥିଲେ।

ରାଜ୍ୟ ଯୁବ, ଛାତ୍ର ଓ ମହିଳା ବିଜୁ ଜନତା ଦଳ ପକ୍ଷରୁ ରାଉରକେଲା ଡେଲି ମାର୍କେଟସ୍ଥିତ ଟାଉନ ହାଇସ୍କୁଲରେ ଏକ ଜୀବନବିନ୍ଦୁ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏଥିରେ ସବୁ ବର୍ଗ ଲୋକେ ରକ୍ତଦାନ କରିଥିଲେ। ଶିବିରରୁ ମୋଟ ୧୦୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ପରେ ବାସନ୍ତୀ କଲୋନୀସ୍ଥିତ ବାସନ୍ତୀ ସାଂସ୍କୃତିକ ପରିଷଦରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସମସ୍ତ ବରିଷ୍ଠ ଓ ସକ୍ରିୟ କର୍ମୀ ଯୋଗଦେଇ ଦଳକୁ ଆହୁରି ମଜଭୂତ କରିବା ପାଇଁ ଶପଥପାଠ କରିଥିଲେ। ୨୦୨୪ ନିର୍ବାଚନରେ ନବୀନଙ୍କୁ ଷଷ୍ଠ ଥର ମୁଖ୍ୟମନ୍ତ୍ରୀ ଭାବେ ନିର୍ବାଚିତ କରିବା ପାଇଁ ସମସ୍ତେ ଏକ ମନ ଏକ ପ୍ରାଣ ହୋଇ କାର୍ଯ୍ୟ କରିବାକୁ ସଂକଳ୍ପ ନେଇଥିଲେ। ଏ ସମସ୍ତ କାର୍ଯ୍ୟକ୍ରମ ସଫଳ କରିବାରେ ରାଉରକେଲା ନଗର ସଭାପତି ଗଗନ ପଣ୍ଡାଙ୍କ ସମେତ ବରିଷ୍ଠ ନେତା ବ୍ରିଜମୋହନ ଅଗ୍ରୱାଲ, ଅନନ୍ତ ପାତ୍ର, ଯୁବ ଓ ଛାତ୍ର ନେତୃତ୍ୱ ବିଭୂତି ପୁହାଣ, ସୁଶାନ୍ତ ରାଉତ, ଡି. ଅଭିକ୍ କୁମାର, ସଞ୍ଜିତ ଛୋଟରାୟ, ଚକ୍ରଧର ମଲ୍ଲିକ, ଜ୍ୟୋତ୍ସ୍ନା ନାୟକ, ସ୍ମିତା ମହାନ୍ତି, ଓମ୍‌ପ୍ରକାଶ ସାହି, ଜ୍ଞାନେନ୍ଦ୍ର ଜେନା, ମୀନକେତନ ନାୟକ ପ୍ରମୁଖ ସହଯୋଗ କରିଥିଲେ।

● ବଣାଇଁ ନିର୍ବାଚନ ମଣ୍ଡଳୀରେ ବିଜେଡି ପ୍ରତିଷ୍ଠା ଦିବସ

## ୨୫ରୁ ଊର୍ଦ୍ଧ୍ୱ କର୍ମୀ ବିଜେଡିରେ ମିଶିଲେ





**ରାଉରକେଲା,୨୬ ।୧୨(ସମିସ):** ବଣାଇଁ ନିର୍ବାଚନ ମଣ୍ଡଳୀରେ ବିଜେଡିର ୨୭ତମ ପ୍ରତିଷ୍ଠା ଦିବସ ଅବସରରେ ବିଭିନ୍ନ ସ୍ଥାନରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଦଳର ବଣାଇଁ ନିର୍ବାଚନମଣ୍ଡଳୀ ପର୍ଯ୍ୟବେକ୍ଷକ ଷ୍ଟାଲିନ୍ ପରିଜା ଓ ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ଦେଓଗାଁଠାରେ ଥିବା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ପରେ ଏକ ବିଶାଳ ସାଇକଲ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ପରେ ବିଜୁ ଛକସ୍ଥିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ବଣାଇଁସ୍ଥିତ କିସାନ ସମାଜ ଗୃହରେ ଯୁବ ଓ ଛାତ୍ର ବିଜେଡି ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ବଣାଇଁ ଉପଖଣ୍ଡ ଚିକିତ୍ସାଳୟରେ ରୋଗୀଙ୍କୁ ଫଳ ବଣ୍ଟନ ସହ ଅସହାୟଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ବଣାଇଁ ଆଇଟିଡିଏ ପ୍ରକଳ୍ପ ପ୍ରଶାସକଙ୍କ ସଭାକକ୍ଷରେ ଏକ ବୈଠକ ହୋଇଥିଲା। ଏଥିରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ଦକ୍ଷତା ବିକାଶ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ଗତ ୨୬ ବର୍ଷ ଧରି ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବିଜୁ ଜନତା ଦଳ ଓଡ଼ିଶାବାସୀଙ୍କ ସେବା କରିଆସୁଛି। ଆସନ୍ତା ନିର୍ବାଚନରେ ବଣାଇଁ ନିର୍ବାଚନମଣ୍ଡଳୀରେ ଦଳର ପ୍ରାର୍ଥୀଙ୍କୁ ବିଜୟୀ କରିବାକୁ ଉପସ୍ଥିତ କର୍ମୀ ଶପଥ ନେଇଥିଲେ।

ସକାଳେ ବଣାଇଁ ସମେତ ଗୁରୁଣ୍ଡିଆ, ଲହୁଣୀପଡ଼ା, କୋଇଡ଼ା ଅଞ୍ଚଳରେ ମଧ୍ୟ ସାଇକଲ ଶୋଭାଯାତ୍ରା ଅୟୋଜନ କରାଯାଇ ସମସ୍ତେ ବଣାଇଁଠାରେ ଏକତ୍ରିତ ହୋଇଥିଲେ। ବୈଠକରେ ଲହୁଣୀପଡ଼ା ବ୍ଲକ ଦର୍ଜି ପଞ୍ଚାୟତ ତଥା ଗୁରୁଣ୍ଡିଆ ବ୍ଲକ ଚାନ୍ଦିପୋଷ ପଞ୍ଚାୟତରୁ ୨୫ରୁ ଊର୍ଦ୍ଧ୍ୱର୍ ସିପିଆଇଏମ ଓ ବିଜେପି କର୍ମକର୍ତ୍ତା ବିଜେଡିରେ ସାମିଲ ହୋଇଥିଲେ। ସମସ୍ତଙ୍କୁ ମନ୍ତ୍ରୀ ଘଡ଼େଇ ଦଳୀୟ ଉତ୍ତରୀୟ ଦେଇ ଦଳରେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

## ବିଜେଡି ପ୍ରତିଷ୍ଠା ଦିବସରେ ସାଇକଲ ଶୋଭାଯାତ୍ରା




**ଲହୁଣୀପଡ଼ା,୨୬ ।୧୨(ସମିସ):** ଲହୁଣୀପଡ଼ା ବ୍ଲକରେ ବିଜେଡି ପକ୍ଷରୁ ଦଳର ୨୭ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଏକ ସାଇକଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ବ୍ଲକ ପଡ଼ିଆରେ ସମସ୍ତେ ଏକତ୍ରିତ ହୋଇ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ବ୍ଲକ ବିଜେଡି ଉପ ସଭାପତି ପ୍ୟାରା ବାର୍ଲାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବଣାଇଁ ନିର୍ବାଚନ ମଣ୍ଡଳୀ ସହ ପର୍ଯ୍ୟବେକ୍ଷକ ଷ୍ଟାଲିନ ପରିଜା, ପୂର୍ବତନ ଜିଲ୍ଲାପରିଷଦ ଅଧ୍ୟକ୍ଷ ରଣଜିତ କିଷାନ, ଜିଲ୍ଲା ପରିଷଦ ସଦସ୍ୟା ଜୁଲିଆନି କାଣ୍ଡିର, ସୁଶିଳା ନାୟକ, ଲ୍ୟାମ୍ପ ସଭାପତି କିଶୋର କୁମାର ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସାଇକଲ ଶୋଭାଯାତ୍ରା ଗାନ୍ଧୀ ଛକରୁ ବାହାରି ଲହୁଣୀପଡ଼ା ସହର ପରିକ୍ରମା କରିବା ସହିତ ରାଜାମୁଣ୍ଡା, ରାଜାମୁଣ୍ଡା ବାଇପାସ ଦେଇ ପୁଣି ଗାନ୍ଧୀ ଛକରେ ଶେଷ ହୋଇଥିଲା। ୨ ଶହରୁ ଊର୍ଦ୍ଧ୍ୱର୍ ଲୋକ ସାଇକଲ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସହକାରୀ ସଭାପତି ଉମେଶ ରାୟ, ସମିତି ସଭ୍ୟ ଅଶୋକ ବେହେରା, ସୁଶାନ୍ତ ମୁଣ୍ଡାରି, ଲକ୍ଷ୍ମୀ କିଷାନ, ସରପଞ୍ଚ ସିଙ୍ଗରାୟ ମୁଣ୍ଡା, ଗଙ୍ଗା ମାହାନ୍ତ, ବାପି ଖଟୁଆଏବ, ମହିଳା ସଭାପତି ଜୟନ୍ତୀ ମାହାନ୍ତଙ୍କ ନେତୃତ୍ୱରେ ସାଇକଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଗୋବର୍ଦ୍ଧନ କୁମ୍ଭାର, ଅଜୟ କୁମ୍ଭାର, ସୁରେଶ କୁମ୍ଭାର, ଆଶିଷ ତ୍ରିପାଠୀ, ଲକ୍ଷ୍ମୀଧର ମାହାନ୍ତ, ଶିବ ପାତ୍ର, ସନ୍ତୋଷ ମାହାନ୍ତ, କାନ୍ଦୁର କିଷାନ, ପଙ୍କଜ ଦାସ, ତ୍ରିଲୋଚନ ମାଝୀ, ରୁମାନି ମୁଣ୍ଡା, ଦ୍ରୌପଦୀ କିଷାନ, ସନ୍ତୋଷ ରାୟ, ଧର୍ମପଦ ମାହାନ୍ତ, ରଣଜିତ ପାତ୍ର, ଭୁବନାନନ୍ଦ କିଷାନ, ଭୁବନେଶ୍ୱର ବେହେରା, ପଙ୍କଜ ପାତ୍ର, କେଦାର ମାହାନ୍ତ, ଗୁରୁଚରଣ ସ୍ୱାଇଁ, ଅଜୟ ନାୟକଙ୍କ ସମେତ ବହୁ ବିଜେଡି କର୍ମୀ ଓ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ ପାଳିତ



**କୋଇଡ଼ା,୨୬ ।୧୨(ସମିସ):** କୋଇଡ଼ା ବ୍ଲକ ବିଜେଡି କାର୍ଯ୍ୟାଳୟରେ ମଙ୍ଗଳବାର ଦଳର ୨୭ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। କୋଇଡ଼ା ବ୍ଲକ ବିଜେଡି କାର୍ଯ୍ୟାଳୟରୁ ଏକ ସାଇକଲ ଶୋଭାଯାତ୍ରା ବାହାରି କୋଇଡ଼ା ଥାନା ଛକ ଓ ବସଷ୍ଟାଣ୍ଡ ଦେଇ ପୁନର୍ବାର ଦଳ କାର୍ଯ୍ୟାଳୟରେ ପହଞ୍ଚିଥିଲା। ଶୋଭାଯାତ୍ରାରେ ପୂର୍ବତନ ବିଧାୟକ ଭୀମସେନ ଚୌଧୁରୀ, କୋଇଡ଼ା (ଖ) ଜିଲ୍ଲା ପରିଷଦ ଅଶୋକ କୁମାର ନାଏକ, ରାଉରକେଲା ବିଜେଡି ସାଙ୍ଗଠନିକ ଜିଲ୍ଲା ଯୁବ ସଭାପତି ଅବିନାଶ ସୁମନ ବାଗେ, କୋଇଡ଼ା ବ୍ଲକ ବିଜେଡି ସଭାପତି କରୁଣାକର ପାତ୍ରଙ୍କ ସମେତ ବ୍ଲକର ଶତାଧିକ ଦଳୀୟ କର୍ମୀ ଯୋଗଦେଇଥିଲେ।

## ନୂଆଗାଁ ବ୍ଲକରେ ବିଜେଡିର ପ୍ରତିଷ୍ଠା ଦିବସ ପାଳିତ



**ରାଉରକେଲା,୨୬ ।୧୨(ସମିସ):** ନୂଆଗାଁ ବ୍ଲକରେ ମଙ୍ଗଳବାର ବିଜୁ ଜନତା ଦଳର ୨୭ତମ ପ୍ରତିଷ୍ଠା ଦିବସ ପାଳନ ହୋଇଛି। ଏଥିରେ ବୀରମିତ୍ରପୁର ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ମନୋଜ ସେନାପତି ମୁଖ୍ୟଅତିଥି ରୂପେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏହି ଅବସରରେ ଏକ ସାଇକଲ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ବାରିଲେପଟାରୁ ଭଗତଟୋଲା ଦେଇ ଶୋଭାଯାତ୍ରା ଯୋଗଦାଟଲା ପର୍ଯ୍ୟନ୍ତ ଯାଇଥିଲା। ଏହାସହ ଗରିବଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ହାତୀବାରୀ ହସ୍ପିଟାଲରେ ରୋଗୀଙ୍କୁ ଫଳ ବଣ୍ଟନ କରାଯିବା ପରେ ଟିସ୍କୋ କ୍ଲବରେ ସାଧାରଣ ସଭା ହୋଇଥିଲା। ସଭାରେ ପର୍ଯ୍ୟବେକ୍ଷକ ମନୋଜ ସେନାପତି ଯୋଗଦେଇ ବିଜୁ ବାବୁଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ବିଷୟରେ ଆଲୋଚନା କରିଲେ। ଆଗାମୀ ଦିନରେ କିଭଳି ନୂଆଗାଁ ବ୍ଲକରେ ବିଜେଡି ଅଧିକ ସକ୍ରିୟ ହୋଇପାରିବ ସେ ବିଷୟରେ ମଧ୍ୟ ଆଲୋଚନା କରିଥିଲେ। ସରକାରଙ୍କ ସମସ୍ତ ଯୋଜନା ଗାଁର ସମସ୍ତ ଜନସାଧାରଣଙ୍କ ପାଖରେ ପହଞ୍ଚାଇବା ପାଇଁ ସମସ୍ତ ନେତୃମଣ୍ଡଳୀ ଘରକୁ ଘର ବୁଲି ଯୋଜନା ବିଷୟରେ ଅବଗତ କରାଇବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଏସଡିସି ଉପାଧ୍ୟକ୍ଷା ସୁଶିଲା ଟପ୍ପୋ, ବ୍ଲକ ଅଧ୍ୟକ୍ଷା ବିଶ୍ୱାସୀ ଟପ୍ପୋ, ମହିଳା ସଭାନେତ୍ରୀ ଏମା ଏକ୍କା, ପୂର୍ବତନ ସରପଞ୍ଚ ଏଲିଜାବେଥ୍ ଲୁଗୁନ, ବ୍ଲକ ସଭାପତି ଦିଗମ୍ବର ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ମଖଲୁ ଏକ୍କା, ଏସଡିସି ସଦସ୍ୟ ହିମାଂଶୁ ପଣ୍ଡା, ଛାତ୍ର ସଭାପତି ମହେନ୍ଦ୍ର ବଡ଼ାଇକ, ଯୁବ ନେତା ପ୍ରଦୀପ ସାହୁ, ମୁନା ଆଚାର୍ଯ୍ୟ, ବିନୋଦ ସାହୁ, ସନ୍ତୋଷ ସିଂ, ବିଜୁ ସାହୁ, ପ୍ରକାଶ ସାହୁ, ଆକାଶ ଶେଖର ଦେଓ, ମୁବାରକ ଆନସାରୀ, ହିମାଂଶୁ ତ୍ରିପାଠୀ, ରାମେଶ୍ୱର ଭାଇସାଁଲଙ୍କ ସମେତ ସରପଞ୍ଚ, ସମିତି ସଭ୍ୟ ଏବଂ ଦଳର ଯୁବ, ଛାତ୍ର, ମହିଳା ଏବଂ ବରିଷ୍ଠ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।



ରଘୁନାଥପାଲି ନିର୍ବାଚନ ମଣ୍ଡଳୀ

## ବିଜେଡି ପ୍ରତିଷ୍ଠା ଦିବସରେ ବିଭିନ୍ନ କାର୍ଯ୍ୟକ୍ରମ






**ରାଉରକେଲା,୨୬ ।୧୨(ସମିସ):** ଜନସାଧାରଣଙ୍କ ସହଯୋଗ ଓ ସମର୍ଥନ ଯୋଗୁଁ ରାଜ୍ୟର ପୁରପଲ୍ଲୀର ପ୍ରଗତିର ଧାରା ତ୍ୱରାନ୍ୱିତ ହୋଇଛି। ଏହି ପ୍ରଗତିର ପ୍ରକ୍ରିୟାକୁ ଜାରି ରଖିବା ସହ ପ୍ରତ୍ୟେକ ଅଞ୍ଚଳର ଜନସାଧାରଣଙ୍କ ସମ୍ମିଳିତ ଉଦ୍ୟମରେ ସାମାଜିକ ସେବାକୁ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ ମତବ୍ୟକ୍ତ କରିଛନ୍ତି। ମଙ୍ଗଳବାର ବିଜେଡିର ସଫଳ ବିକାଶ ଯାତ୍ରାର ୨୭ତମ ପୂର୍ତ୍ତି (ପ୍ରତିଷ୍ଠା ଦିବସ) ମହାସମାରୋହରେ ଅନୁଷ୍ଠିତ ହୋଇଛି। ଏହି କ୍ରମରେ ବିଧାୟକ ତରାଇଙ୍କ ସମେତ ଦଳର ବରିଷ୍ଠ ନେତୃବୃନ୍ଦ, ସଦସ୍ୟ ତଥା ବିଭିନ୍ନ ଛାମୁଆ ସଙ୍ଗଠନର ସଦସ୍ୟମାନେ ସେକ୍ଟର-୨ ବିଜୁ ପଟ୍ଟନାୟକ ଛକରେ ଉପସ୍ଥିତ ରହି ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପରେ ସେକ୍ଟର-୨ ଦୁର୍ଗାପୂଜା ପଡ଼ିଆରେ ବିଜେଡି ରାଜ୍ୟ ପରିଷଦ ସଦସ୍ୟ ତଥା ଜିଲ୍ଲା ଉପଦେଷ୍ଟା ସୁଧୀର ସୁନ୍ଦରରାୟଙ୍କ ଅଧ୍ୟକ୍ଷତାରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜନ ହୋଇଥିଲା। ଏଥିରେ ବିଧାୟକ ତରାଇ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଲେ, ବିଜେଡିର ସଫଳ ବିକାଶ ଯାତ୍ରା ଦଳକୁ ଏକ ଗଣଆନ୍ଦୋଳନରେ ପରିଣତ କରିଛି। ଜନସାଧାରଣଙ୍କ ଅକୁଣ୍ଠ ସହଯୋଗ ଯୋଗୁଁ ପ୍ରତ୍ୟେକ କ୍ଷେତ୍ରରେ ବିକାଶ ପ୍ରକ୍ରିୟା ଜାରି ରହିଛି। ଦଳର କର୍ମକର୍ତ୍ତା ଓ ସଦସ୍ୟମାନେ ନିଜ ଅଞ୍ଚଳର ପ୍ରତ୍ୟେକ ପରିବାର ସହ ଭାବଗତ ସମ୍ପର୍କ ରଖି ଓଡ଼ିଶାର ସ୍ୱାର୍ଥରକ୍ଷା ପାଇଁ ସ୍ଥାନୀୟ ବିକାଶ ଓ ସାଙ୍ଗଠନିକ ପ୍ରକ୍ରିୟାକୁ ଆଗେଇ ନେବେ ବୋଲି ସେ ଆଶାବ୍ୟକ୍ତ କରିଥିଲେ।

ସଭାରେ ମଞ୍ଚାସୀନ ପୂର୍ବତନ ଜିଲ୍ଲା ସଭାପତି ଆନନ୍ଦ ଚନ୍ଦ୍ର ମହାନ୍ତି, ଶ୍ରମିକ ନେତା ଦିଗମ୍ବର ମହାନ୍ତି, ଶଶଧର ନାୟକ, ମହିଳା ରାଜ୍ୟ ସାଧାରଣ ସମ୍ପାଦିକା ମିନତୀ ବିଶ୍ୱାଳ, ସଭାନେତ୍ରୀ ଇନ୍ଦିରା ନାୟକ, ଯୁବ ସଭାପତି ପ୍ରଭାକର ଚୌଧୁରୀ, ଛାତ୍ର ସଭାପତି ରାକେଶ ସ୍ୱାଇଁ ପ୍ରମୁଖ ଦଳର ମୁଖ୍ୟ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବଳିଷ୍ଠ ନେତୃତ୍ୱରେ ଓଡ଼ିଶାର ବିକାଶକୁ ଉଚ୍ଚତର ସୋପାନକୁ ନେବା ସହ ଏକ ସମୃଦ୍ଧ, ସଶକ୍ତ ଓ ସ୍ୱାଭିମାନୀ ନବୀନ ଓଡ଼ିଶା ଗଠନରେ ବ୍ରତୀ ହେବା ପାଇଁ ପରାମର୍ଶ ଦେଇଥିଲେ। ପ୍ରାରମ୍ଭରେ ଉପସ୍ଥିତ ଅତିଥିବୃନ୍ଦ ବିଜୁ ବାବୁଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ପ୍ରଦୀପ ପ୍ରଜ୍ୱଳନ କରିଥିଲେ।

ସଭାପତି ପ୍ରଭାକର ଚୌଧୁରୀ ଓ ରାକେଶ ସ୍ୱାଇଁଙ୍କ ନେତୃତ୍ୱରେ ସଭାସ୍ଥଳ ନିକଟରେ ଓଡ଼ିଶା ମୋ ପରିବାର ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ସେହିପରି ନଗର ସଭାପତି ଆର୍ତ୍ତ ମହାରଣା ଓ ସଭାନେତ୍ରୀ ଇନ୍ଦିରା ନାୟକଙ୍କ ନେତୃତ୍ୱରେ ହମିରପୁରସ୍ଥିତ କଲ୍ୟାଣୀ ରାୟ ମହାବିଦ୍ୟାଳୟରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯୁବ ଛାତ୍ର ସଭାପତିଙ୍କ ନେତୃତ୍ୱରେ ସେକ୍ଟର-୨ ଦୁର୍ଗାପୂଜା ପଡ଼ିଆରୁ ଆମ୍ବବାଗାନ ଯାଏଁ ଏକ ଗଣଦୌଡ଼ ଅନୁଷ୍ଠିତ ହୋଇଥିଲା। ଦୀର୍ଘ ବର୍ଷ ଧରି ବିଜେଡି ପ୍ରତି ବିଶେଷ ଅବଦାନ ଥିବା ବରିଷ୍ଠ କର୍ମୀଙ୍କୁ ବିଧାୟକ ତରାଇ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ବରିଷ୍ଠ ନେତା ନିରଞ୍ଜନ ଦାସ, ବଂଶୀଧର ପରିଡ଼ା, ବାବାଜୀ ସ୍ୱାଇଁ, ପ୍ରହ୍ଲାଦ ନାୟକ, ଗଣେଶ୍ୱର ରାୟ, ସତ୍ୟ ନାରାୟଣ ସାହୁ, ରମେଶ ପାତ୍ର, ପ୍ରବୀର ମାଝୀ, ପ୍ରତିମା ରାଉତ, ଜୟନ୍ତୀ ଦାସ, ସୁଭଦ୍ରା ପ୍ରଧାନ, ଉମା ନାୟକ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ବରିଷ୍ଠ ସଦସ୍ୟ ତଥା ଶ୍ରମିକ ନେତା ସତ୍ୟାନନ୍ଦ ବେହେରା ଧନ୍ୟବାଦ ଦେଇଥିଲେ।

## ଅଲ୍ ଇଣ୍ଡିଆ ଓପନ କରାଟେ ଚାମ୍ପିଅନସିପ୍

# ରାଉରକେଳା ଉତ୍କଳ କରାଟେ ସ୍କୁଲକୁ ୩୭ ପଦକ



ରାଉରକେଳା,୨୬ ।୧୨(ସମିସ)

ଶୁକୋକାଇ କରାଟେ ୟୁନିଅନ ଇଣ୍ଡିଆ ଓ ଉତ୍କଳ କରାଟେ ସ୍କୁଲ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲରେ ୧୩ତମ ଅଲ ଇଣ୍ଡିଆ ଓପନ କରାଟେ ଚାମ୍ପିଅନସିପ ଅନୁଷ୍ଠିତ ହୋଇଛି । ଶୁକୋକାଇ କରାଟେ ୟୁନିଅନ ଇଣ୍ଡିଆ ମୁଖ୍ୟ ତଥା ଉତ୍କଳ କରାଟେ ସ୍କୁଲ ପ୍ରତିଷ୍ଠାତା ହାଂଶୀ ଡ. ହରିପ୍ରସାଦ ପଟ୍ଟନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନତାରେ ଡିସେମ୍ବର ୨୧ରୁ ୨୪ ତାରିଖ ପର୍ଯ୍ୟନ୍ତ ଆୟୋଜିତ ଏହି ଚାମ୍ପିଅନସିପରେ ୮୫୦ କରାଟେକା ଅଂଶଗ୍ରହଣ କରିଥିଲେ । ଏଥିରେ ରାଉରକେଳା ଉତ୍କଳ କରାଟେ ସ୍କୁଲର ୨୬ ଜଣିଆ ଦଳ ଅଂଶଗ୍ରହଣ କରି ମୋଟ ୩୭ଟି ପଦକ ହାସଲ କରିଛନ୍ତି । ଏହି ପ୍ରତିଯୋଗିତାରେ ଆର୍ଯ୍ୟବ୍ରତ ବିଶ୍ୱାଳ ୩ଟି ସ୍ୱର୍ଣ୍ଣ, ସମ୍ଭବ ପଣ୍ଡା ୨ଟି ସ୍ୱର୍ଣ୍ଣ ଓ ଗୋଟିଏ କାଂସ୍ୟ, ସୂର୍ଯ୍ୟପ୍ରକାଶ ଘଡ଼େଇ ୨ଟି ସ୍ୱର୍ଣ୍ଣ ଓ ଗୋଟିଏ କାଂସ୍ୟ, ଆର୍ଯ୍ୟା ବଂଶୀକା ୨ଟି ସ୍ୱର୍ଣ୍ଣ, ଅର୍ଣ୍ଣଦିତ୍ୟ ସ୍ୱାଇଁ ୨ଟି ସ୍ୱର୍ଣ୍ଣ, ଡି. ଧନୁଶ ଗୋଟିଏ ସ୍ୱର୍ଣ୍ଣ, ରେୟାଂଶ ଚୌଧୁରୀ ଗୋଟିଏ ସ୍ୱର୍ଣ୍ଣ, ମୋନାଲିସା ମିଶ୍ର ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ, ଆଦିତ୍ୟ ଷଡ଼ଙ୍ଗୀ ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ କାଂସ୍ୟ, ପୁଲକ ପାଢ଼ୀ ଗୋଟିଏ ସ୍ୱର୍ଣ୍ଣ ଓ ଦୁଇଟି ରୌପ୍ୟ, ସୁହାନୀ ମିଶ୍ର ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ କାଂସ୍ୟ, ଅଭିଷେକ ପଟ୍ଟନାୟକ ଗୋଟିଏ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ, ସ୍ନେହା ନାୟକ ୨ଟି ରୌପ୍ୟ ଓ ଗୋଟିଏ କାଂସ୍ୟ, ମୋନାଲିସା ମିତ୍ର ୨ଟି ରୌପ୍ୟ, ହିମାଂଶୁ ନାୟକ ୨ଟି ରୌପ୍ୟ ଓ ଗୋଟିଏ କାଂସ୍ୟ, ମିଳନ ନାୟକ ଗୋଟିଏ ରୌପ୍ୟ ଓ ଗୋଟିଏ କାଂସ୍ୟ, ଶୁଭାକାନ୍ତ ସ୍ୱାଇଁ ଗୋଟିଏ ରୌପ୍ୟ ଓ ଗୋଟିଏ କାଂସ୍ୟ, ପ୍ରିୟାଂଶୀ ଦାସ ଗୋଟିଏ ରୌପ୍ୟ, ତେଜସ୍ ମିଶ୍ର ଗୋଟିଏ ରୌପ୍ୟ, ଇଷିକା ଘୋଷ ଗୋଟିଏ ରୌପ୍ୟ, କବିର ସାହୁ ଓ ସୁଦୀପ୍ତ ଗିରି ଗୋଟିଏ ଲେଖାଏଁ କାଂସ୍ୟ ପଦକ ହାସଲ କରିଛନ୍ତି । ରାଉରକେଳା ଦଳର କୋଚ ଦାୟିତ୍ୱ ଅଭିଷେକ ପଟ୍ଟନାୟକ ଓ ମୋନାଲିସା ମିଶ୍ର ତୁଲାଇଥିବା ବେଳେ ମୋନାଲିସା ମିତ୍ର ଟିମ ମ୍ୟାନେଜର ଦାୟିତ୍ୱ ତୁଲାଇଥିଲେ । ଓଡ଼ିଶା କରାଟେ ଆସୋସିଏସନ କର୍ମକର୍ତ୍ତା ସନତ ନାୟକ ଓ ଆଡ୍‌ଭୋକେଟ କାଳୀପ୍ରସାଦ ନନ୍ଦ କୃତୀ ପ୍ରତିଯୋଗୀଙ୍କୁ ମେଡାଲ ଓ ସାର୍ଟିଫିକେଟ ପ୍ରଦାନ କରିଥିଲେ । ଏହି ସମସ୍ତ କୃତୀ କରାଟେକା ରାଉରକେଳା ଉତ୍କଳ କରାଟେ ସ୍କୁଲରେ ପ୍ରଶିକ୍ଷଣ ନେଉଥିବା ଜଣାପଡ଼ିଛି ।

● ଆର୍ଏସ୍‌ପି ପକ୍ଷରୁ ସ୍ୱାସ୍ଥ୍ୟ ପରୀକ୍ଷଣ

# ହୋମ୍ ଏବଂ ହୋପ୍‌ର ୧୦୦ରୁ ଅଧିକ ପିଲା ଉପକୃତ



**ରାଉରକେଳା,୨୬ ।୧୨(ସମିସ):** ରାଉରକେଳା ଇସ୍ପାତ କାରଖାନାର ସିଏସ୍ଆର ବିଭାଗ ପକ୍ଷରୁ ହୋମ୍ ଏବଂ ହୋପ୍‌ଠାରେ ଆୟୋଜିତ ସ୍ୱାସ୍ଥ୍ୟ ପରୀକ୍ଷଣ ଶିବିରରେ ସେକ୍ଟର-୧୭ସ୍ଥିତ ହୋମ ଏବଂ ହୋପ୍, ବଧିରମାନଙ୍କ ପାଇଁ ସେକ୍ଟର-୭ସ୍ଥିତ ରାଉରକେଲା ବିଦ୍ୟାଳୟ, ଫର୍ଟିଲାଇଜରସ୍ଥିତ ଆଶା ବିଦ୍ୟାଳୟ ଏବଂ ଲାଠିକଟାସ୍ଥିତ ରାଧାକୃଷ୍ଣ ଦୃଷ୍ଟିହୀନ ବିଦ୍ୟାଳୟର ସମୁଦାୟ ୧୦୬ ଭିନ୍ନକ୍ଷମ ଛାତ୍ରଛାତ୍ରୀ ଉପକୃତ ହୋଇଛନ୍ତି । ସିଏସ୍ଆର ବିଭାଗ ଜିଏମ୍ ମୁନ୍‌ମୁନ୍ ମିତ୍ର ଏହି ଶିବିର ପରିଦର୍ଶନ କରି ଅନୁଧ୍ୟାନ କରିଥିଲେ । ତାଙ୍କ ସହ ସିଏସ୍ଆରର ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ । ଏହି ଅବସରରେ ଶିବିରରେ ଅଂଶଗ୍ରହଣ କରୁଥିବା ସମ୍ପୃକ୍ତ ଅନୁଷ୍ଠାନର ମୁଖ୍ୟ ତଥା ପ୍ରତିନିଧୀମାନେ ଉପସ୍ଥିତ ଥିଲେ ।

ଇସ୍ପାତ ଜେନେରାଲ ହସ୍ପିଟାଲର ଶିଶୁ ନିଦାନ, ଇଏନଟି ଏବଂ ଜେନେରାଲ୍ ମେଡିସିନ୍ ବିଭାଗର ଉତ୍ସର୍ଗୀକୃତ ଡାକ୍ତରଙ୍କ ଏକ ଟିମ୍ ଶିବିର ପରିଚାଳନା କରିଥିଲେ, ଯେଉଁଥିରେ ଜେନେରାଲ୍ ଫିଜିକାଲ୍ ପରୀକ୍ଷା, ଦନ୍ତ ପରୀକ୍ଷା ଏବଂ ଆଖି ଏବଂ କାନ ପରୀକ୍ଷା ଅନ୍ତର୍ଭୁକ୍ତ ଥିଲା । ସମସ୍ତ ଛାତ୍ରଛାତ୍ରୀଙ୍କୁ ଆବଶ୍ୟକ ଚିକିତ୍ସା ଏବଂ ସତର୍କତାମୂଳକ ପଦକ୍ଷେପ ନେବାକୁ ପରାମର୍ଶ ଦିଆଯାଇଥିଲା । ଶିବିରକୁ ସିଏସ୍ଆର୍ ବିଭାଗ ଏଜିଏମ୍ ଏଏନ୍ ପତି ସଂଯୋଜନା କରିଥିଲେ ।

# ପ୍ଲାଣ୍ଟସାଇଟ୍ ଥାନାରେ ନୂତନ ଆଇଆଇସି

**ରାଉରକେଳା,୨୬ ।୧୨(ସମିସ):** ରାଉରକେଳା ପୁଲିସ ଜିଲ୍ଲା ଅଧୀନ ପ୍ଲାଣ୍ଟସାଇଟ୍ ଥାନା ଇନ୍ସପେକ୍ଟର ଭାବେ ଜୟନାରାୟଣ ଖଣ୍ଡେଇଙ୍କୁ ଦାୟିତ୍ୱ ଦିଆଯାଇଛି । ଏନେଇ ପୁଲିସ ମୁଖ୍ୟାଳୟ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି । ପୁଲିସ ମୁଖ୍ୟାଳୟରୁ ଉକ୍ତ ଥାନାକୁ ଇନ୍ସପେକ୍ଟର ଖଣ୍ଡେଇଙ୍କୁ ବଦଳି କରାଯାଇଛି । ସୂଚନାଯୋଗ୍ୟ, ପୂର୍ବରୁ ଏଠାରେ ଅବସ୍ଥାପିତ ଇନ୍ସପେକ୍ଟର ଜ୍ୟୋତିରଞ୍ଜନ ପତିଙ୍କୁ ସୁନ୍ଦରଗଡ଼ ପୁଲିସ ଜିଲ୍ଲାକୁ ବଦଳି କରାଯାଇଛି ।

# କଚେରୀ ରୋଡ୍‌ରେ ଘରେ ଲାଗିଲା ନିଆଁ



**ରାଉରକେଳା,୨୬ ।୧୨(ସମିସ):** ଉଦିତନଗର ଥାନା ଅନ୍ତର୍ଗତ ମୁଖ୍ୟ ରାସ୍ତାର କଚେରୀ ରୋଡ୍‌ଠାରେ ଥିବା ଏକ ଘରେ ନିଆଁ ଲାଗି ସମସ୍ତ ଆସବାବପତ୍ର ଜଳି ନଷ୍ଟ ହୋଇଛି । ମଙ୍ଗଳବାର ଅପରାହ୍ନରେ ଏହି ଅଗ୍ନିକାଣ୍ଡ ଘଟିଛି । ସୂଚନା ମୁତାବକ, ଉକ୍ତ ଅଞ୍ଚଳରେ ପରିବାର ସହ ବାସ କରୁଥିବା ମନୋଜ ଅଗ୍ରୱାଲଙ୍କ ଘରୁ ଧୂଆଁ ବାହାରୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ । ଦେଖୁ ଦେଖୁ ଧୂଆଁ ବଢ଼ିବାରେ ଲାଗିଥିଲା । ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ସର୍ଟସର୍କିଟ ଯୋଗୁଁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି । ଏହାର ତଦନ୍ତ ଚାଲିଛି ।

# ଟ୍ରକ୍ ପଛରେ ଧକ୍କାହେଲା ହାଇୱା: ଚାଳକ ମୃତ

**ଲହୁଣୀପଡ଼ା,୨୬ ।୧୨(ସମିସ):** ୧୪୩ ନମ୍ବର ଜାତୀୟ ରାଜପଥର ଲହୁଣୀପଡ଼ା ଥାନା ଦର୍ଜିଂ ଟୋଲ୍ ପ୍ଲାଜାଠାରେ ଦୁର୍ଘଟଣା ଘଟି ଜଣେ ହାଇୱା ଚାଳକ ମୃତ୍ୟୁ ହୋଇଛି । ମଙ୍ଗଳବାର ସକାଳେ କୋଇଡ଼ା ଖଣି ଅଞ୍ଚଳରୁ ଲୁହାପଥର ବୋଝେଇ ଏକ ହାଇୱା ରାଉରକେଲା ପଟେ ଯାଉଥିବା ବେଳେ ଟୋଲ ପ୍ଲାଜା ନିକଟରେ ଛିଡ଼ା ହୋଇଥିବା ଏକ ଟ୍ରକକୁ ପଛପଟରୁ ଧକ୍କା ଦେଇଥିଲା । ଫଳରେ ହାଇୱା ଚାଳକ ଗୁରୁତର ଆହତ ହୋଇଥିଲେ । ପୁଲିସ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନା ପଠାଇ ଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ । ମୃତ ଚାଳକ ବିହାର ଝାଝା ଥାନା ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମର ବିନୋଦ କୁନାର ଯାଦବ (୩୬) । ପୁଲିସ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଦୁର୍ଘଟଣାଗ୍ରସ୍ତ ହାଇୱା ଓ ଟ୍ରକ ଜବତ କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ।

# ୨ ଚୋରି ଘଟଣାରେ ଦୁଇ ଗିରଫ

**ରାଉରକେଲା,୨୬ ।୧୨(ସମିସ):** ଦୁଇଟି ଚୋରି ଘଟଣାରେ ବ୍ରାହ୍ମଣୀତରଙ୍ଗ ଥାନା ପୁଲିସ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ପୁଲିସ ସୂଚନା ମୁତାବକ, ବେଦବ୍ୟାସ ସରକାରୀ ଆୟୁର୍ବେଦିକ ଚିକିତ୍ସାଳୟରେ ଭାଗୀରଥି ବେହେରା ଔଷଧ ବିତରଣ କରନ୍ତି । ରବିବାର ଡାକ୍ତରଖାନାରୁ ତାଙ୍କ ମୋବାଇଲ ଚୋରି ହୋଇଥିଲା । ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ । ପୁଲିସ ମାମଲା ରୁଜୁ କରି ତଦନ୍ତ କରିବା ସହ ବେଦବ୍ୟାସ ନଦୀଟୋଲା ଅଞ୍ଚଳର ଭରତ ମହାପାତ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ତାଙ୍କଠାରୁ ଚୋରି ମୋବାଇଲ ଜବତ କରାଯାଇଛି । ସେହିପରି କଲୁଙ୍ଗା ରେଲୱେ ଓଭର ବ୍ରିଜ ନିକଟରୁ ରବିବାର ଲୁହା ପ୍ଲେଟ ଚୋରି ହୋଇଥିବା ଅଭିଯୋଗ ହୋଇଥିଲା । ଏହି ଘଟଣାରେ ସମ୍ପୃକ୍ତ ଗଞ୍ଜାମ ଜିଲ୍ଲାର କୁନା ମାଝୀଙ୍କୁ ପୁଲିସ ଗିରଫ କରିଛି । ତାଙ୍କ ପାଖରୁ ପୁଲିସ ଚୋରି ସାମଗ୍ରୀ ଜବତ କରିଛି ।

# ଟ୍ରାଫିକ୍ ଏବଂ କଞ୍ଚାମାଲ ବିଭାଗ ଠିକା ଶ୍ରମିକଙ୍କୁ ଆର୍‌ପିଏଲ୍ ସାର୍ଟିଫିକେଟ୍ ପ୍ରଦାନ



**ରାଉରକେଲା,୨୬ ।୧୨(ସମିସ):** ଆରପିଏଲ୍ ତାଲିମ ସଫଳତାର ସହିତ ସମାପ୍ତ କରିଥିବା ଟ୍ରାଫିକ୍ ଏବଂ କଞ୍ଚାମାଲ ବିଭାଗର ବିଭିନ୍ନ କ୍ଷେତ୍ରରେ ନିୟୋଜିତ ଥିବା ପ୍ରଥମ ୭ଟି ବ୍ୟାଚ୍‌ର ୧୩ ଜଣ ଠିକା ଶ୍ରମିକଙ୍କୁ ବିଭାଗରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଇଣ୍ଡିଆନ୍ ଆଇରନ୍ ଏବଂ ଷ୍ଟିଲ୍ ସେକ୍ଟର ସ୍କିଲ୍ କାଉନସିଲ୍ ଦ୍ୱାରା ପ୍ରଦତ୍ତ ପ୍ରମାଣପତ୍ର ପ୍ରଦାନ କରାଯାଇଛି । ଟ୍ରାଫିକ୍ ଏବଂ କଞ୍ଚାମାଲ ବିଭାଗ ଜିଏମ୍‌ଇନ୍-ଚାର୍ଜ ହୀରାଲାଲ ମହାପାତ୍ର ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ । ଏହି ଅବସରରେ ଏଚଆରଡି ବିଭାଗ ଜିଏମ ଏଚ୍‌ଏନ ପତି, ଟ୍ରାଫିକ୍ ଏବଂ କଞ୍ଚାମାଲ ବିଭାଗର ଜିଏମ୍ କେ ସୁନିୟାନି, ଏଚଆରଡି ବିଭାଗ ଜିଏମ ଏସ୍ କୋଣ୍ଡା ଏବଂ ଟ୍ରାଫିକ୍ ଏବଂ କଞ୍ଚାମାଲ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀ ତଥା କର୍ମଚାରୀ ଉପସ୍ଥିତ ଥିଲେ ।

ଏହି ଅବସରରେ ମହାପାତ୍ର ପ୍ରମାଣପତ୍ର ପାଇଥିବା କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇବା ସହ ସଂଗଠନର ଉନ୍ନତି ପାଇଁ ଏହାର କୌଶଳ ସେଟ୍ ପ୍ରୟୋଗ କରିବାକୁ ଅନୁପ୍ରେରିତ କରିଥିଲେ । ପ୍ରାରମ୍ଭରେ ସିନିୟର ମ୍ୟାନେଜର ଏଲ ମାର୍ଣ୍ଡି ସ୍ୱାଗତ କରିଥିଲେ । ଏଚଆରଡି ବିଭାଗର ବିନୀତା ତିର୍କି ଧନ୍ୟବାଦ ଅର୍ପଣ କରିଥିଲେ । ବିଭାଗର ମ୍ୟାନେଜର ଏବଂ ଟ୍ରେନିଂ ଇଞ୍ଜିନିୟର ଅଭିଜିତ୍ ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଟ୍ରାଫିକ୍ ଏବଂ କଞ୍ଚାମାଲ ବିଭାଗ ଜିଏମ ଏସ୍‌କେ ଭୂୟାଁ ଏଚଆରଡି ବିଭାଗର ସାମୂହିକ ସହଯୋଗରେ କାର୍ଯ୍ୟ ସଂଯୋଜନା କରିଥିଲେ ।

● ରାଉରକେଲା-କୋଲକାତା ବିମାନସେବା; ପ୍ରାରମ୍ଭିକ ଟିକେଟ ମୂଲ୍ୟ ୧୯୯୯ ଟଙ୍କା

# ପ୍ରତିକୂଳ ପାଗ ପାଇଁ ପ୍ରଥମ ଉଡ଼ାଣ ବାତିଲ



**ରାଉରକେଲା/ଭୁବନେଶ୍ୱର,୨୬ ।୧୨ (ସମିସ):** ଘନ କୁହୁଡ଼ି ଓ ପ୍ରତିକୂଳ ପାଗ ପାଇଁ ରାଉରକେଲା-କୋଲକାତା ବିମାନ ସେବାର ପ୍ରଥମ ଉଡ଼ାଣ ବାତିଲ କରାଯାଇଛି । ଫଳରେ ରାଉରକେଲାରୁ କୋଲକାତା ଯିବା ପାଇଁ ଟିକେଟ ବୁକିଂ କରିଥିବା ୪୮ ନିରାଶ ହୋଇଛନ୍ତି । ଏହାକୁ ନେଇ ପ୍ରତୀକ୍ଷାରତ ଯାତ୍ରୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଅନୁରୂପ ଭାବରେରାଉରକେଲା ଆସିବା ପାଇଁ ଟିକଟ ବୁକିଂ କରି କୋଲକାତା ବିମାନ ବନ୍ଦରରେ ଅପେକ୍ଷାରତ ଯାତ୍ରୀମାନେ ମଧ୍ୟ ନିରାଶ ହୋଇଛନ୍ତି । ପ୍ରତିକୂଳ ପାଗ ଯୋଗୁଁ ବିମାନ ଆସିପାରି ନ ଥିବା କୁହାଯାଉଛି । ରାଜ୍ୟ ସରକାର ନିଜସ୍ୱ ଉଦ୍ୟମରେ ରାଉରକେଲାରୁ କୋଲକାତା ବିମାନ ଚଳାଚଳ ପ୍ରକ୍ରିୟା ଆରମ୍ଭ କରିଛନ୍ତି । ଏଥିପାଇଁ ଆର୍ଥିକ ପ୍ରୋତ୍ସାହନ ସ୍ୱରୂପ ଭାୟାବଲ୍ ଗ୍ୟାପ୍ ଫଣ୍ଡିଂ (ଭିଜିଏଫ୍) ପ୍ରଦାନ କରିବାକୁ ଘୋଷଣା କରିଛନ୍ତି । ୭୨ ଆସନ ବିଶିଷ୍ଟ ଏହି ବିମାନ ଚଳାଚଳ ନିମନ୍ତେ ରାଜ୍ୟ ସରକାର ୩୬ଟି ଆସନ ପାଇଁ ଭିଜିଏଫ୍ ଦେବେ । ଅର୍ଥାତ୍ ଏହି ସଂଖ୍ୟକ ସିଟ୍‌ରେ ଯଦି ଯାତ୍ରୀ ନ ହେବେ ତା ହେଲେ ରାଜ୍ୟ ସରକାର ବିମାନ କମ୍ପାନୀଙ୍କୁ ତାହାର କ୍ଷତିପୂରଣ ପ୍ରଦାନ କରିବେ । ସିଧାସଳଖ ବିମାନ ସେବା ଆରମ୍ଭ ହେବା ଫଳରେ ଯାତ୍ରୀମାନେ ମାତ୍ର ଦେଢ଼ ଘଣ୍ଟା ମଧ୍ୟରେ ରାଉରକେଲାରୁ କୋଲକାତା ଯାତ୍ରା କରିପାରିବେ । ଆଲିଆନ୍ସ ଏୟାର କମ୍ପାନୀ ରାଉରକେଲାରୁ ବିମାନ ସେବା ପ୍ରଦାନ କରୁଛି । ଏହି କମ୍ପାନୀ ରାଉରକେଲା-କୋଲକାତା ମଧ୍ୟରେ ସିଧାସଳଖ ବିମାନ ସେବା ପ୍ରଦାନ କରିବ । କମ୍ପାନୀର ୭୨ ଆସନ ବିଶିଷ୍ଟ ବିମାନ ସପ୍ତାହକୁ ତିନି ଦିନ ଅର୍ଥାତ୍ ମଙ୍ଗଳବାର, ଗୁରୁବାର ଏବଂ ଶନିବାର ଦିନ ରାଉରକେଲା-କୋଲକାତା ମଧ୍ୟରେ ଚଳାଚଳ କରିବ । ଏହାର ପ୍ରାରମ୍ଭିକ ବିମାନ ଟିକଟ ମୂଲ୍ୟ ୧୯୯୯ ଟଙ୍କା ରହିଛି । କୋଲକାତାକୁ ବିମାନ ଚଳାଚଳ ଆରମ୍ଭ ପାଇଁ ରାଉରକେଲାର ଜନସାଧାରଣଙ୍କ ସମେତ ବିଭିନ୍ନ ବାଣିଜ୍ୟିକ ସଂଘ, ଅନୁଷ୍ଠାନ ପକ୍ଷରୁ ଦାବି ହେଉଥିଲା । ଏବେ ବିମାନ ସେବା ଆରମ୍ଭ ହେଉଥିବାରୁ ସୁନ୍ଦରଗଡ଼ ଜିଲ୍ଲାରେ ଶିଳ୍ପ ଓ ପର୍ଯ୍ୟଟନ କ୍ଷେତ୍ରରେ ବ୍ୟାପକ ସମ୍ଭାବନା ସୃଷ୍ଟି ହୋଇଛି ।

# ହଇଜା ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ବିକ୍ଷୋଭ



**ରାଉରକେଲା,୨୬ ।୧୨(ସମିସ):** ରାଉରକେଲା ଓ ରଘୁନାଥପାଲୀ ନିର୍ବାଚନ ମଣ୍ଡଳୀ ବିଜେପି ପକ୍ଷରୁ ମଙ୍ଗଳବାର ହଇଜା ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଉଦିତନଗରସ୍ଥିତ ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ବିଜେପି ନେତା ନିହାର ରାୟ ଓ ଜଗବନ୍ଧୁ ବେହେରାଙ୍କ ନେତୃତ୍ୱରେ ସ୍ଥାନୀୟ ସିଂହାସନୀ ମନ୍ଦିରରୁ ଏକ ପଦଯାତ୍ରା ବାହାରି ନିଗମ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା । ସେଠାରେ ବିକ୍ଷୋଭ ପ୍ରଦର୍ଶନ ପରେ ନିଗମ କମିଶନର ତଥା ଅତିରିକ୍ତ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ରଙ୍କ ଜରିଆରେ ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ସ୍ମାରକପତ୍ର ଅନୁଯାୟୀ, ପାନୀୟ ଜଳ ଯୋଗାଣ ପାଇପ ବିଭିନ୍ନ ସ୍ଥାନରେ ଫାଟି ପାଣି ଦୂଷିତ ହୋଇଥିଲା । ଫଳରେ ଅନେକ ଲୋକ ହଇଜା ରୋଗରେ ପୀଡ଼ିତ ହୋଇଥିବା ବେଳେ ୧୭ ଜଣଙ୍କ ମୃତ୍ୟୁ ହୋଇଥିଲା । ୱାଟକୋ ବିଭାଗ ୯୬ଟି ସ୍ଥାନରେ ଫାଟ ଥିବା ଚିହ୍ନଟ କରିଥିବା ବେଳେ ଏହି ଫାଟ ସଂଖ୍ୟା ୨୦୦ରୁ ଅଧିକ ହୋଇପାରେ । ଏଥିପାଇଁ ସରକାର ପ୍ରତ୍ୟେକ ମୃତକଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା ଓ ଜଣକୁ ଚାକିରି ଦେବା ସହ ସମସ୍ତ ରୋଗୀଙ୍କ ଚିକିତ୍ସା ଖର୍ଚ୍ଚ ବହନ କରିବାକୁ ଉଲ୍ଲେଖ ରହିଛି । ଏହାସହ କୋଏଲନଗର ଅଞ୍ଚଳର ବିପର୍ଯ୍ୟସ୍ତ ସ୍ୱେରେଜର ପୁନରୁଦ୍ଧାର ପାଇଁ ମଧ୍ୟ ଆଲୋଚନା କରାଯାଇଥିଲା । ଏହି ଅବସରରେ ମୁଖପାତ୍ର ଭଗବାନ ରାଉତ, ଦିଲୀପ ଦାସ, ଅଙ୍କୁଶ ବର୍ମା, ପ୍ରବାଳ ବାରିକ, ମମତା ଗୌତମ, ଶଶି ପଟ୍ଟନାୟକ, ଭବାନୀ କବି, ବାବୁଲି ମୁର୍ମୁ, ରୋହିତ ତନ୍ତୀ, ରୋଶନ ସାହୁ, ସଙ୍କେଶ୍ୱର ପାତ୍ର, ବାବୁ ବିଶ୍ୱାଳ, ଜୟନ୍ତ ମଙ୍ଗରାଜ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

## ବହୁଭାଷୀ ନାଟକ ଓ ନୃତ୍ୟ ମହୋତ୍ସବର ୭ମ ସନ୍ଧ୍ୟା

# ୫୦ ମଣିପୁରୀ କଳାକାରଙ୍କ ଅଭିନୟ

ରାଉରକେଲା,୨୬ ।୧୨(ସମିସ)

ଆର୍ଏସ୍‌ପି ଆନୁକୂଲ୍ୟରେ ତଥା ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରାୟୋଜିତ ଓ ସ୍ପନ୍ଦନ ରାଉରକେଲା ଆୟୋଜିତ ୩୪ତମ ସର୍ବଭାରତୀୟ ବହୁଭାଷୀ ନାଟକ ମହୋତ୍ସବର ୭ମ ସନ୍ଧ୍ୟାରେ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ଡା. ପୂଜା ପତି, ବିଶିଷ୍ଟ ନାଟ୍ୟ ବ୍ୟକ୍ତିତ୍ୱ ଅଚ୍ଛୁ ପ୍ରଧାନ ଓ କସ୍ତୁରୀର ସମ୍ପାଦକ ରାଧାଶ୍ୟାମ ମହାନ୍ତି ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ପ୍ରଫେସର ସମର ମୁଦାଲିଙ୍କ ସଭାପତିତ୍ୱରେ ଆୟୋଜିତ ସଭାକୁ ସଂଯୋଜନା କରିଥିଲେ ସ୍ପନ୍ଦନର ସହ-ସମ୍ପାଦକ କ୍ଷୀରୋଦ କୁମାର ବାଡ଼ତ୍ୟା । ସ୍ପନ୍ଦନର ସମ୍ପାଦକ ଡ. ସତ୍ୟ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

ଆଜିର ସଂଧ୍ୟାରେ ପ୍ରଥମେ ଦି ମିଡିଆ ଥିଏଟର ମଣିପୁରର କଳାକାରଙ୍କ ଦ୍ୱାରା ପରିବେଷିତ ହୋଇଥିଲା ଆକର୍ଷଣୀୟ ମଣିପୁରୀ ଭାଷାର ନାଟକ "ଥାୱାଇଡି ଶିବାନାଇଡେ' ଅର୍ଥାତ୍ ଆତ୍ମାର ମୃତ୍ୟୁ ନାହିଁ । ଏହାକୁ ନିର୍ଦ୍ଦେଶନା ଦେଇଥିଲେ କେ. ବୀରହରି ଶର୍ମା । ଶାସନ ଗାଦିରେ ବସି ଭୟଙ୍କର ଶାସକ ତଥା ପୁଲିସର ବର୍ବରୋଚିତ ଆକ୍ରମଣ ଯୋଗୁଁ ନିରୀହମାନଙ୍କ ମୃତ୍ୟୁ ହୁଏ । ଏପରିକି ନାରୀମାନେ ଗଣଦୁଷ୍କର୍ମର ଶିକାର ହୁଅନ୍ତି । ହେଲେ ବର୍ବରୋଚିତ ଆକ୍ରମଣରେ ମୃତ୍ୟୁବରଣ କରିଥିବା ମଣିଷମାନଙ୍କ ଆତ୍ମାର କିନ୍ତୁ ମୃତ୍ୟୁ ହୋଇ ନ ଥାଏ । ସେହି ଆତ୍ମା ରୂପକ ଭୂତ ପରବର୍ତ୍ତୀ ପର୍ଯ୍ୟାୟରେ ଶାସକବର୍ଗଙ୍କୁ ଶିକାର କରି ଜୀବନ ନେଇଛନ୍ତି ଓ ନିଜ ଆତ୍ମାକୁ ଶାନ୍ତି ଦେଇଛନ୍ତି । ଏମିତି ଏକ ପ୍ରତିଶୋଧ ପରାୟଣ ଭାବନାକୁ ନେଇ ଗତିଶୀଳ ହୋଇଥିଲା ମଣିପୁରୀ ନାଟକ "ଥାୱାଇଡି ଶିବାନାଇଡେ' । ନାଟକରେ ଏମ. ନୀତିଶ କୁମାର ସିଂ, ଟି. ବାଗି ମୈତେଇ, ଅକ୍ଷଜିତ୍ କିୟାମ, ଦେଲଶନ ସିଂ, ଡବ୍ଲ୍ୟୁ. ବିବେକ ମୈତେଇ, ବିବେକ ସିଂ, ହୀରା ଦିଦାମ, ସୁନ୍ଦରଲାଲ ସାଡ଼କୋପାମ, ଏଲ ମିଲ୍‌କଣ୍ଠ ସିଂହ, ବି ଅନାଦି ଦେବୀ, ଉଦନା ଲେଇ ମାପୋକକାମ, ନିନି ଖୋମ, ଏମ ପ୍ରିୟଙ୍କା ଦେବୀ ଅଭିନୟ କରିଥିବା ବେଳେ ଡବ୍ଲ୍ୟୁ ଓନି କୁମାରୀ ଦେବୀ, ଏଲ ଗାଙ୍ଗବାଲାଦେବୀ ସଙ୍ଗୀତ ଗାନ କରିଥିଲେ । ଆଲୋକରେ ଏ. ରାହୁଲ, ସଙ୍ଗୀତରେ ଏମ ରୋହିତ ମୈତେଇ, ସିଇବି, ଲେମ୍ବା ଶର୍ମା, ମଞ୍ଚସଜ୍ଜା ପାଇଁ ଏବଂ ରତନ ସିଂହ ବେଶବିନ୍ୟାଶ ଦାୟିତ୍ୱରେ ଥିଲେ । ରୂପ ସଜ୍ଜାରେ ସନ୍ତୋଷ କାମେଲା ଓ ଟିମ୍ ମ୍ୟାନେଜର କିରଣ ଶର୍ମା ପରିଚାଳନାରେ ସହଯୋଗ କରିଥିଲେ ।



ପରେ ମଣିପୁରର କାମାକ୍ଷା ଆର୍ଟିଷ୍ଟ ଆସୋସିଏସନ କଳାକାରଙ୍କ ଦ୍ୱାରା ମଞ୍ଚସ୍ଥ ହୋଇଥିଲା ସନ୍ଧ୍ୟାର ଦ୍ୱିତୀୟ ନାଟକ "ଉର୍ମିଳା' । ଏହାକୁ ନିର୍ଦ୍ଦେଶନା ଦେଇଥିଲେ ସୋଇବା ମଚା ଇନ୍ଦ୍ର କୁମାର । ଲକ୍ଷ୍ମଣ ଅଯୋଧ୍ୟାର ତୃତୀୟ ରାଜକୁମାର ଥିଲେ । ଉର୍ମିଳା ରାମାୟଣରେ ଲକ୍ଷ୍ମଣଙ୍କୁ ବିବାହ କରିଥିଲେ । ନିଜ ସତ୍ୟ ରଖିବାକୁ ଯାଇ ରାଜା ଦଶରଥ ରାମଚନ୍ଦ୍ରଙ୍କୁ ୧୪ ବର୍ଷ ବନବାସ ଯିବାକୁ ଘୋଷଣା କରିବାକୁ ବାଧ ହୋଇଥିଲେ । ତାହା ବାସ୍ତବରେ ଏକ ରାଜନୈତିକ ମନ୍ତ୍ରଣା ଥିଲା । ରାମଚନ୍ଦ୍ର କିନ୍ତୁ ପ୍ରକାଶ କରିଥିଲେ ଯେ ଏହା କେବଳ ପିତା ଦଶରଥଙ୍କ ବ୍ୟକ୍ତିଗତ ମତ ନ ଥିଲା ବରଂ ସେ ନିଜ ଇଚ୍ଛାକୃତ ଭାବରେ ସିଂହାସନ ଛାଡ଼ି ବନବାସ ଯାଇଥିଲେ । ଯେତେବେଳେ ସୀତା, ଲକ୍ଷ୍ମଣ ଓ ରାମଚନ୍ଦ୍ରଙ୍କୁ ପିଛା କରି ବନବାସ ଯାତ୍ରାରେ ଗମନ ପାଇଁ ବାହାରିଥିଲେ, ସେତବେଳେ ଉର୍ମିଳା ସେମାନଙ୍କୁ ଅନୁରୋଧ କରିଥିଲେ ତାଙ୍କୁ ମଧ୍ୟ ସଙ୍ଗରେ ନେବା ପାଇଁ । ସେତେବେଳେ ତାଙ୍କୁ ବାଧ କରି ଯିବା ପାଇଁ ମନା କରାଯାଇଥିଲା ଏବଂ ସେହି ପ୍ରାସାଦରେ ରହିବାକୁ କୁହାଯାଇଥିଲା । ନାଟକରେ ରାମାୟଣାରେ ବର୍ଣ୍ଣିତ ଘଟଣାର ଏକ ବ୍ୟତିକ୍ରମ ଅଧ୍ୟାୟ ପ୍ରଦର୍ଶିତ ହୋଇଥିଲା । ଏଥିରେ ବିଭିନ୍ନ ଭୂମିକାରେ ଏଚ. ତେଜମଣୀ, ଏସ. ଆନନ୍ଦ, ଏନ. ଅମରଜିତ୍, ପି. ପୂର୍ଣ୍ଣଚନ୍ଦ୍ର, ଏସ. ବୀରକୁମାର, ପି. ଇବେ ମଚା, ସାଲିନ, ଏଲ. ଆବେସନା, ଏଲ. ତେରେଶା, ବି. ଧନମଞ୍ଜରୀ ପ୍ରମୁଖ ଅଭିନୟ କରିଥିଲେ । ସଙ୍ଗୀତ ସୁରଜିତ, ନିକ୍ସନ, ରୂପସଜ୍ଜାରେ ମୋନାଲିସା, ରଞ୍ଜନା, ମଞ୍ଚସଜ୍ଜାରେ ଶାନ୍ତି, ଆଲୋକ, ଶରତ, ଦଳଗତ ସଙ୍ଗୀତରେ ଥୋଇବା, ବୀରଜିତ, ଶ୍ୟାମସୁନ୍ଦର ରହିଥିଲେ । ପ୍ରାୟ ୫୦ କଳାକାରଙ୍କ ଦ୍ୱାରା ଅଭିନୀତ ଏହି ଦୁଇ ନାଟକ ଦର୍ଶକଙ୍କର ବେଶ୍ ମନଛୁଆଁ ହୋଇଥିଲା । ଭାଷା ଭିନ୍ନ ଥିଲେ ମଧ୍ୟ ନାଟକ ବୁଝିବାରେ ଅସୁବିଧା ନ ଥିଲା । ବୁଧବାର ଅପରାହ୍ନ ୫ଟାରେ ଲୋକନୃତ୍ୟ ମହୋତ୍ସବ ଅନୁଷ୍ଠିତ ହେବ ବୋଲି କୁହାଯାଇଛି ।

## ସମସ୍ତ ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରତିଷ୍ଠା ଦିବସ ପାଳିତ

# ୨୦୨୪ ନିର୍ବାଚନରେ ଜିଲ୍ଲାର ସମସ୍ତ ବିଧାୟକ ଓ ସାଂସଦ ପଦ ଅକ୍ତିଆର କରିବାକୁ ଆହ୍ୱାନ

ସୁନ୍ଦରଗଡ଼, ୨୬ ।୧୨(ସମିସ)







ସୁନ୍ଦରଗଡ଼ ଜିଲ୍ଲାର ସମସ୍ତ ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜୁ ଜନତା ଦଳର ୨୭ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ମହାସମାରୋହରେ ପାଳିତ ହୋଇଛି। ଏହି ଅବସରରେ ସୁନ୍ଦରଗଡ଼ ସଦର ନିର୍ବାଚନ ମଣ୍ଡଳିସ୍ତରୀୟ ପ୍ରତିଷ୍ଠା ଦିବସ ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂହଙ୍କ ନେତୃତ୍ୱରେ ପାଳନ କରାଯାଇଛି। ସକାଳେ ରାଣୀ ବଗିଚା ବାଇପାସ୍ ସ୍ଥିତ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ପରେ ମା' ସମଲେଇ ମନ୍ଦିରରେ ଦୀପ ପ୍ରଜ୍ୱଳନ କରାଯାଇ ଏକ ଶୋଭାଯାତ୍ରା ବାହାରିଥିଲା। ଶୋଭାଯାତ୍ରା ଭବାନୀଶଙ୍କର ଉଚ୍ଚ ବିଦ୍ୟାଳୟ ଛକ, ହସ୍ପିଟାଲ ଛକ, ଡିଆରଡିଏ ଛକ ଦେଇ ସରକାରୀ ବସଷ୍ଟାଣ୍ଡରେ ପହଞ୍ଚିଥିଲା। ଏଥିରେ ଶତାଧିକ ଦଳୀୟ ନେତା, କର୍ମୀ ସାମିଲ ହୋଇଥିଲେ। ଶୋଭାଯାତ୍ରା ସରକାରୀ ବସଷ୍ଟାଣ୍ଡରେ ପହଞ୍ଚିବା ପରେ ସୁନ୍ଦରଗଡ଼ ନଗର ବିଜେଡି ସଭାପତି ଲଲାଟେନ୍ଦୁ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଏକ ସଭା ହୋଇଥିଲା। ସଭାରେ ଆମ ଓଡ଼ିଶା ନବୀନ ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲା ସଂଯୋଜକ ତଥା ପୂର୍ବତନ ବିଧାୟକ ଯୋଗେଶ କୁମାର ସିଂହ, ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ବିଜେଡି ଜିଲ୍ଲା ପର୍ଯ୍ୟବେକ୍ଷକ ଦେବାଶିଷ ମଲ୍ଲିକ, ଚମେଲି ଓରାମ, ଜୟନାରଣ ତ୍ରିପାଠୀ, ସନ୍ତୋଷ ଅମାତ, ବେଣୁଧର ତାଣ୍ଡିଆ, ଜିତେନ୍ଦ୍ରୀୟ କର, ଅଶ୍ୱିନୀ ନାଏକ, ପ୍ରିୟଙ୍କା ଜେନା, ସେହବାଜ ହୁସେନ, ଆଶିଷ ତ୍ରିପାଠୀ, ମହିମା ସେଠ, ଅଞ୍ଜଳି ଘୋଷ, ମଞ୍ଜୁଲତା ନାଏକ, ଜଟିଆ ମୁଣ୍ଡା, ରଞ୍ଜନା ପଣ୍ଡା, ସୁନୀଲ ମହାପାତ୍ର, ସୁନୀଲ ପାଙ୍ଗଯୋଶୀ, କଳାକାହ୍ନୁ ମେହେର, ସୁକାନ୍ତ ପତି, ପଞ୍ଚା ବାର୍ଲା, ନରଦୀପ ସିଂ, ଗେଲବତୀ ପଟେଲ, ସୁମନ୍ତ ସାହୁ, ବୀରେନ୍ଦ୍ର ପଟେଲ ପ୍ରମୁଖ ବକ୍ତବ୍ୟ ରଖି ୨୦୨୪ ସାଧାରଣ ନିର୍ବାଚନରେ ସୁନ୍ଦରଗଡ଼ ଜିଲ୍ଲାର ସମସ୍ତ ବିଧାନସଭା ଓ ଲୋକସଭା ଆସନକୁ ଦଳୀୟ ପ୍ରାର୍ଥୀମାନେ ଅକ୍ତିଆର କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ।

ବକ୍ତାମାନେ ମୁଖ୍ୟମନ୍ତ୍ରୀଙ୍କ ଗୁଣଗାନ କରିବା ସହ ନବୀନ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ବୁଝାଇଥିଲେ। ୧୯୯୭ ଡିସେମ୍ବର ୨୬ରେ ବିଜେଡି ଗଠନ ହେବା ଦିନରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସଭାପତି ରହି ଦଳକୁ ସୁଚାରୁରୂପେ ପରିଚାଳନା କରୁଥିବା ବେଳେ ୨୦୦୦ ମସିହାରୁ



ଆଜିଯାଏ ମୁଖ୍ୟମନ୍ତ୍ରୀ ରହିଆସିଛନ୍ତି ବୋଲି କହିଥିଲେ। ତାଙ୍କ ମୁଖ୍ୟମନ୍ତ୍ରୀ ସମୟରେ ରାଜ୍ୟର ଦ୍ରୁତ ବିକାଶ ଘଟିଛି ବୋଲି କହିବା ସହ ଯେତେ ଗୁଣଗାନ ଓ ପ୍ରଶଂସା କଲେ ମଧ୍ୟ ତାହା କମ ହୋଇଯିବ ବୋଲି ମତପ୍ରକାଶ କରିଥିଲେ। ରାଜ୍ୟବାସୀଙ୍କ ସହଯୋଗ ଏବଂ ଆଶୀର୍ବାଦରେ ବିଜେଡି ଆସନ୍ତା ନିର୍ବାଚନରେ ପୁଣି ବିଜୟଲାଭ କରି ନବୀନ ବାବୁ ଷଷ୍ଠଥର ମୁଖ୍ୟମନ୍ତ୍ରୀ ହୋଇ ରେକର୍ଡର ଅଧିକାରୀ ହେବେ ବୋଲି ଦମ୍ଭୋକ୍ତି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋପବନ୍ଧୁ ମହାନ୍ତି, କୌଶିକ ପଟେଲ, ସୁକାନ୍ତ ପତି, ହେମନ୍ତ ପାଢ଼ୀ, ଶୋଭନ ଦାଶ, ରାମଚନ୍ଦ୍ର ନାୟକ, ଅଜିତ ସିଂ, ନିତ୍ୟାନନ୍ଦ ପଟେଲ, ମିତ୍ରଭାନୁ ସେଠ, ମହମ୍ମଦ କଲିମ, ଉଦିତ ସେଠ, ବୀଣା ସାହୁ, ସୀତାକାନ୍ତ ପଟେଲ, ପଙ୍କଜ ଶେଷାନ, ତ୍ରିଲୋଚନ କାକ ପ୍ରମୁଖ ଉପସ୍ଥିତ ଥିଲେ। ସେହେବାଜ ହୁସେନ ଧନ୍ୟବାଦ ଦେଇଥିଲେ। ମୁଖମନ୍ତ୍ରୀ ନବୀନ ବାବୁଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଭିନ୍ନ ଦଳରୁ ୫୦ରୁ ଊର୍ଦ୍ଧ୍ୱ ନେତା, କର୍ମୀ ଏହି ଅବସରରେ ବିଜେଡିରେ ସାମିଲ ହୋଇଥିଲେ। ଦଳୀୟ ଉତ୍ତରୀୟ ଦିଆଯାଇ ସେମାନଙ୍କୁ ସ୍ୱାଗତ କରାଯାଇଥିଲା।

## ୨ ବେପାରୀଙ୍କଠାରୁ ଚୋରାମଦ ଜବତ

**ସୁନ୍ଦରଗଡ଼, ୨୬ ।୧୨(ସମିସ):** ଭଷ୍ମା ଥାନା ପୁଲିସ ମଙ୍ଗଳବାର ୨ ଜଣ ଚୋରାମଦ ବେପାରୀଙ୍କଠାରୁ ମହୁଲ ମଦ ଜବତ କରିଛି। ସେମାନେ ହେଲେ ମଙ୍ଗସପୁର ଆଡ଼କଠା ଗ୍ରାମର ବନମାଳୀ ମୁଣ୍ଡା ଓ ଦର୍ଲିପାଲି ନୂଆପଡ଼ାର ମଗଶିର ସରେଙ୍ଗ। ଏ ନେଇ ପୁଲିସ ୨ଟି ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ୪୧ ସିଆରପିସି ନୋଟିସ ଦେଇଛି।

## ବାଟୁଲି ମାଡ଼ରେ ଜଣେ ଗୁରତର

**ସୁନ୍ଦରଗଡ଼, ୨୬ ।୧୨(ସମିସ):** ଏକ ଅଭାବନୀୟ ଘଟଣା କ୍ରମେ ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ ବାଙ୍କିବାହାଲ ଗ୍ରାମରେ ବାଟୁଲି ମାଡ଼ରେ ଜଣେ ଗୁରୁତର ଆହତ ହୋଇଛନ୍ତି। ଗ୍ରାମର ବୈତରଣୀ ନାଏକ ଏବଂ ବିନୋଦ ତାଜନଙ୍କ ମଧ୍ୟରେ ପୂର୍ବ ଶତ୍ରୁତା ରହିଥିଲା। ଏହାକୁ କେନ୍ଦ୍ରକରି ବିନୋଦ ବୈତରଣୀଙ୍କୁ ଲକ୍ଷ୍ୟ କରି ବାଟୁଲିଖଡ଼ାରେ ବାଟୁଲି ମାଡ଼ କରିଥିଲେ। ବାଟୁଲିଟି ତାଙ୍କ ମୁଣ୍ଡରେ ବାଜିବାରୁ ମୁଣ୍ଡ ଫାଟି ଗୁରୁତର ଆହତ ହୋଇଛନ୍ତି। ଏ ନେଇ ସେ ଥାନାରେ ଏତଲା ଦେବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

### ହେମଗିରିରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

## ୪୬୦ ହିତାଧିକାରୀ ପଞ୍ଜିକୃତ

**ହେମଗିରି, ୨୬ ।୧୨(ସମିସ):** ମଙ୍ଗଳବାର ହେମଗିରି ବ୍ଲକ। ଜୋନର ୧୦ ପଞ୍ଚାୟତ ପାଇଁ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଛି। ବିଭିନ୍ନ ବିଭାଗର ମୋଟ ୪୬୦ ଶାରୀରିକ ଭିନ୍ନକ୍ଷମଙ୍କ ନାମ ପଞ୍ଜୀକରଣ କରାଯାଇଥିଲା। ଯୁଦ୍ଧକାଳୀନ ଭିତ୍ତିରେ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇ ରାସନକାର୍ଡ, ଭତ୍ତା, ବସ ପାସ୍, ଡିଆର୍ଆଇ ଋଣ, ଆୟ ପ୍ରମାଣପତ୍ର ତଥା ମେଧାବୃତ୍ତି ପ୍ରଦାନ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଥିଲା। ସୁନ୍ଦରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ୧୧ ଜଣ ବିଶେଷଜ୍ଞ ଡାକ୍ତର ହିତାଧିକାରୀଙ୍କ ପରୀକ୍ଷା ନିରୀକ୍ଷା କରିଥିଲେ। ବିଡିଓ ବିଶ୍ୱନାଥ ସାହୁ ଓ ଏବିଡିଓ ଜିତେନ୍ଦ୍ରୀୟ ମୁଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ହାଡ଼ଭଙ୍ଗା ଶୀତରେ ଶବସଂସ୍କାର କରି ମାନବିକତା ଦେଖାଇଲେ ଶ୍ମଶାନ ବନ୍ଧୁ

**ସୁନ୍ଦରଗଡ଼, ୨୬ ।୧୨(ସମିସ):** କିଛିଦିନ ହେବ ସୁନ୍ଦରଗଡ଼ ଜିଲ୍ଲାରେ ପ୍ରବଳ ଶୀତ ଲହରୀ ଜାରି ରହିଛି। ଏପରି ହାଡ଼ଭଙ୍ଗା ଶୀତକୁ ଖାତିର ନ କରି ଜଣେ ଆସହାୟ ଯୁବକଙ୍କ ଶବ ସଂସ୍କାର କରିଛନ୍ତି ସୁନ୍ଦରଗଡ଼ ସହରର ଟିମ ଶ୍ମଶାନ ବନ୍ଧୁ। ତାଙ୍କର ଏପରି ମହନୀୟତା ପାଇଁ ସେମାନେ ପୁଣି ଚର୍ଚ୍ଚାକୁ ଆସିଛନ୍ତି। ବିହାର ଦରଭଙ୍ଗା ଜିଲ୍ଲା ମହତବାର ବବଲୁ ମିଶ୍ର (୪୦) ଲେଫ୍ରିପଡ଼ା ଥାନା ଅନ୍ତର୍ଗତ ଉଜ୍ଜ୍ୱଳପୁର ଅଞ୍ଚଳରେ ଅଟୋ ଚଳାଉଥିଲେ। ଏଠାରେ ସେ ଏକୁଟିଆ ରହୁଥିବା ବେଳେ ଉଜ୍ଜ୍ୱଳପୁର ବାଇପାସ ନିକଟରେ ଲୋକେ ତାଙ୍କ ମୃତଦେହ ଦେଖି ପୁଲିସକୁ ଖବର ଦେଇଥିଲେ। ପୁଲିସ ମୃତଦେହ ଉଦ୍ଧାର କରି ସୁନ୍ଦରଗଡ଼ ଡାକ୍ତରଖାନାରେ ସଂରକ୍ଷିତ



### ମୁଖାଗ୍ନି ଦେଲେ ମୃତକଙ୍କ ଝିଅ

ରଖିଥିଲା। ପୁଲିସର ସୂଚନା କ୍ରମେ ବବଲୁଙ୍କ ଭାଇ, ସ୍ତ୍ରୀ ସୋନି ମିଶ୍ର ଓ ଝିଅ ମଙ୍ଗଳବାର ସୁନ୍ଦରଗଡ଼ ଆସି ଶବ ଚିହ୍ନଟ କରିଥିଲେ। ପରେ ପୁଲିସ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ମୃତକଙ୍କ ପରିବାର ଲୋକେ ଅତ୍ୟନ୍ତ ଗରିବ ହୋଇଥିବାରୁ ସୁନ୍ଦରଗଡ଼ରୁ ଦୀର୍ଘ ୮୦୦ କିଲୋମିଟର ଦୂର ତାଙ୍କ ଗ୍ରାମକୁ ଶବ ନେବା ସକାଶେ ଅସମର୍ଥ ହୋଇଥିଲେ। ଅଜଣା ଜାଗାରେ କେମିତି ଶବସଂସ୍କାର କରିବେ କିଛି କୂଳକିନାରା ମଧ୍ୟ ପାଉ ନ ଥିଲେ। ହତାଶ ହୋଇ ଶବକୁ ଧରି ଉଜ୍ଜ୍ୱଳପୁର ଗ୍ରାମର ବିନୀତ ବାଜପେୟୀ ଓ ବିଜେଡି ଯୁବନେତା ଶୋଭନ ଦାସଙ୍କୁ ସେମାନେ ଯୋଗାଯୋଗ କରିଥିଲେ। ବିନୀତ ଓ ଶୋଭନ ଟିମ ଶ୍ମଶାନ ବନ୍ଧୁର ସଦସ୍ୟ ସିଦ୍ଧାନ୍ତ କୁମାର ପଣ୍ଡାଙ୍କୁ ଯୋଗାଯୋଗ କରି ସମସ୍ତ ବିଷୟ ଅବଗତ କରିବା ପରେ ସିଦ୍ଧାନ୍ତ ଓ ଟିମ ଶ୍ମଶାନ ବନ୍ଧୁର ଅନ୍ୟତମ ସଦସ୍ୟ ଚିଣ୍ଟୁ ରକ୍ସା ତୁରନ୍ତ ସୁନ୍ଦରଗଡ଼ ମେଡିକାଲରେ ପହଞ୍ଚିଥିଲେ। ପରେ ସେମାନେ ମହାପ୍ରୟାଣ ଗାଡ଼ି ଯୋଗେ ସୁନ୍ଦରଗଡ଼ ସ୍ୱର୍ଗଦ୍ୱାରକୁ ଶବ ନେଇ ହିନ୍ଦୁ ରୀତିନୀତି ଅନୁଯାୟୀ ଶେଷକୃତ କରିଥିଲେ। ମୃତ ବବଲୁଙ୍କ ୬ ବର୍ଷର ଝିଅ କାନ୍ଦି କାନ୍ଦି ମୁଖାଗ୍ନି ଦେବା ଦୃଶ୍ୟ ହୃଦୟବିଦାରକ ଥିଲା। ବବଲୁଙ୍କ ପରିବାର ସଦସ୍ୟ ଅସମୟରେ ସହଯୋଗ ପାଇ ସୁନ୍ଦରଗଡ଼ ଓ ଓଡ଼ିଆଙ୍କ ଭାଇଚାରା ସର୍ବଦା ମନେରହିବ କହି କୃତଜ୍ଞତା ଜଣାଇଥିଲେ।

## ତଳସରା ନିର୍ବାଚନ ମଣ୍ଡଳୀରେ ବିଜେଡି ପ୍ରତିଷ୍ଠା ଦିବସ



**ବାଲିଶଙ୍କରା, ୨୬ ।୧୨(ସମିସ):** ବିଜେଡିର ୨୬ ବର୍ଷ ପୂର୍ତ୍ତି ପାଳନ ଅବସରରେ ତଳସରା ନିର୍ବାଚନ ମଣ୍ଡଳୀ ର ବାଲିଶଙ୍କରା ରାଜା ବଙ୍ଗଳା ପଡ଼ିଆ ଠାରେ ବିଜେଡିର ପ୍ରତିଷ୍ଠା ଦିବସ ମହାସମାରୋହରେ ପାଳିତ ହୋଇଯାଇଛି ।ସୁନ୍ଦରଗଡ଼ ସାଂଗଠାନିକ ଜିଲ୍ଲା ବିଜେଡି ସଭାପତି ତଥା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଡ଼କ୍ଟର ବିନୟ ଟପ୍ପୋ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ରାଜ୍ୟ ବିଜୁ ଯୁବ ଜନତା ଦଳ କାର୍ଯ୍ୟକାରୀ ସଭାପତି ବୈକୁଣ୍ଠ ନାଏକ, ପୂର୍ବତନ ବିଧାୟକ ଏବଂ ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ଡ଼କ୍ଟର ପ୍ରଫୁଲ୍ଲ ମାଝୀ, ଜିଲ୍ଲା ଯୁବ ବିଜେଡି ସଭାପତି ଦେବେନ୍ଦ୍ର ପ୍ରସାଦ ମାଝୀ, ରାଜ୍ୟ ପରିଷଦ ସଦସ୍ୟ ଏମଡି ହାରୁନ ରସିଦ, ବାଲିଶଙ୍କରା ପଞ୍ଚାୟତ ସମିତି ଅଧ୍ୟକ୍ଷା କୁଞ୍ଜଲତା ଭିତ୍ରିଆ, ଜିଲ୍ଲା ପରିଷଦ ସଭ୍ୟ ମନୋଜ ବରୁଆ, ବୈଷ୍ଣବ ମାଝୀ, ଜୟନ୍ତୀ ଏକ୍କା, ବରିଷ୍ଠ ନେତା ବସନ୍ତ ସାହୁ, ଅରୁଣ ଦୀକ୍ଷିତ, ପ୍ରେମାନନ୍ଦ ବେହେରା, ନନ୍ଦ କୁମାର ଖୁଣ୍ଟିଆ, ବ୍ଲକ ବିଜେଡି ସଭାପତି ଦେବାଶିଷ ମିଶ୍ର, ପ୍ରଶାନ୍ତ ପୃଷେଟ, କେଶବ ରଣା, ଗୀତାଞ୍ଜଳି ପଟେଲ, ତୁଲୁ ?ାର୍ଲା, ନୀଳମଣି ମାଝୀ, ମୁକେଶ ପୁରୋହିତ, ରଞ୍ଜନ ସିଂ, ବିସ୍ମୟ ପଟ୍ଟନାୟକ, ଶିବାଜି ନାଏକ, ସୁବ୍ରତ ନାଏକ, ରୋଶନ୍ ସାହୁ, ସୁଦାମ ଭୋଇ, ରଞ୍ଜନ ବେସନ, ଅନନ୍ତ ପଟେଲ, ପ୍ରକାଶ ଦାନୀ, କପିଳେଶ୍ୱର ଦାନୀ, ଦିପ୍ତିମୟୀ ସାହୁ, ପ୍ରତିମା ଢୁରୁଆ, ତିଳୋତ୍ତମା ଧୁରୂଆ, ସୁଜିତ୍ କୁକୁର, ମନରୋଞ୍ଜନ ଓରାମ, ବେଲମତି ଧୁରୁଆ, କୁଶ ଦାନୀ, ବିଶ୍ୱଜିତ୍ ମାଝୀ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ ।ସାଧାରଣ ସଭା ଆରମ୍ଭ ପୂର୍ବରୁ ଚାନ୍ଦିନୀଚୌକ ଛକ ଠାରୁ ବିଜେଡି କର୍ମୀ ମାନେ ଏକ ଶୋଭାଯାତ୍ରାରେ ଆସି ରାଜା ବଙ୍ଗଳା ପଡ଼ିଆକୁ ପହଞ୍ଚିଥିଲେ। ଏହି ଅବସରରେ ବିଜୁ ଯୁବ ଜନତା ଦଳ ପକ୍ଷରୁ ଏକ ରକ୍ତଦାନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ।ଏହି ସମାବେଶରେ ତଳସରା ନିର୍ବାଚନ ମଣ୍ଡଳୀର ବଡ଼ଗାଁ, ସବଡେଗା, ବାଲିଶଙ୍କରା ଏବଂ ଲେଫ୍ରିପଡ଼ା ବ୍ଲକରୁ ବହୁ ସଂଖ୍ୟାରେ ବିଜେଡି ଯୁବ, ଛାତ୍ର ଓ ମହିଳା କର୍ମୀମାନେ ଯୋଗଦେଇଥିଲେ।

## ୩ ମଦ୍ୟପ ଚାଳକ ଧରାପଡ଼ିଲେ

**ସୁନ୍ଦରଗଡ଼, ୨୬ ।୧୨(ସମିସ):** ଭଷ୍ମା ଥାନା ପୁଲିସ ଅବନକେଲା ଛକରୁ ନିଶାସକ୍ତ ଅବସ୍ଥାରେ ଗାଡ଼ି ଚଳାଉଥିବା ୩ ଚାଳକଙ୍କୁ ମଙ୍ଗଳବାର ଧରିଛି। କରମାପଡ଼ା ଗ୍ରାମର ଉମେଶ ମୁଣ୍ଡା ନିଶାସକ୍ତ ଅବସ୍ଥାରେ ଟ୍ରାକ୍ଟର ଚଳାଇ ଯାଉଥିବା ବେଳେ ପୁଲିସ ହାତରେ ଧରିପଡ଼ିଛନ୍ତି। ସେହିପରି ସମ୍ବଲପୁର ଜିଲ୍ଲା ବାମରାର ରାଜୁ ଲୁଗୁନ ନିଶାସକ୍ତ ଅବସ୍ଥାରେ ପାୱାର ମାଷ୍ଟର ଓ ଝାରସୁଗୁଡ଼ା ଜିଲ୍ଲା ଲଇକେରା ଥାନା ଧାନଜୋର ଗ୍ରାମର ନବୀନ ମୁଣ୍ଡା ବାଇକ ଚଳାଇ ଯାଉଥିବାବେଳେ ଧରାପଡ଼ିଛନ୍ତି। ଏ ନେଇ ପୁଲିସ ୩ଟି ମାମଲା ରୁଜୁକରି ସମ୍ପୃକ୍ତ ଗାଡ଼ିଗୁଡ଼ିକୁ ଜବତ କରିଛି।

## ଲେଫ୍ରିପଡ଼ା କଲେଜରେ 'ମା' କହ ଗୁଟେ କଥାନି' ମଞ୍ଚସ୍ଥ

**ଲେଫ୍ରିପଡ଼ା, ୨୬ ।୧୨(ସମିସ):** ଓଡ଼ିଶା ସରକାରଙ୍କ ନୂଆ-ଓ କାର୍ଯ୍ୟକ୍ରମ ଅନ୍ତର୍ଗତ ଲେଫ୍ରିପଡ଼ା ମହାବିଦ୍ୟାଳୟରେ ସମ୍ବଲପୁରୀ ନାଟକ 'ମା' କହ ଗୁଟେ କଥାନି' ମଞ୍ଚସ୍ଥ ହୋଇଛି। ୧୯୬୦ ପୂର୍ବରୁ ତତ୍କାଳୀନ ଜର୍ଜ ହାଇସ୍କୁଲର ଖ୍ୟାତନାମା ଶିକ୍ଷକ, ସୁସାହିତ୍ୟିକ ଶଶିଭୂଷଣ ମିଶ୍ରଶର୍ମା (ବୁଢ଼ା ମାଷ୍ଟ୍ରେ) ଲେଖିଥିବା ଏକ ଗାଥା କବିତାକୁ ନାଟ୍ୟରୂପ ଦେଇଛନ୍ତି ସୁନାମଧନ୍ୟ ନାଟ୍ୟକାର କେଶରଞ୍ଜନ ପ୍ରଧାନ। କୌଣସି ଦେଶର ରାଜା ନୁହେଁ ବରଂ ସାମାନ୍ୟ ପ୍ରଜା ଭିକ୍ଷୁକଟିଏ ଭିତରେ କିପରି ଅସାମାନ୍ୟ ଦାତାପଣ ରହିଥାଏ ତା'ର ଜୀବନ୍ତ ବାର୍ତ୍ତା ଏହି ନାଟକରେ ପ୍ରଦର୍ଶିତ ହୋଇଛି। ଏହି କ୍ଷୁଦ୍ର ନାଟକରେ ଜୀବନଧାରାରେ ଗତିଶୀଳ ସ୍ୱାର୍ଥସର୍ବସ୍ୱ ମଣିଷ ସମାଜର ଦୃଷ୍ଟିକୋଣକୁ ପ୍ରସାରିତ କରାଯାଇଛି। ନାଟକଟି ଛାତ୍ରଛାତ୍ରୀ ତଥା ଦର୍ଶକ ମହଲରେ ବେଶ୍ ଆଦୃତ ହୋଇଥିଲା। ମହାବିଦ୍ୟାଳୟର ଓଡ଼ିଆ ବିଭାଗ ଅଧ୍ୟାପକ ଯୁବରାଜ ସାଙ୍କ ତତ୍ତ୍ୱାବଧାନରେ ପ୍ରଦର୍ଶିତ ଏହି ନାଟକ ପ୍ରସ୍ତୁତିରେ ଅଧ୍ୟକ୍ଷ ବିନୋଦ କୁମାର ଦାସ, ଅଧ୍ୟାପକ ଅକ୍ଷୟ ମହାନ୍ତି, ସ୍ୱୟଂ ବିକାଶ ପଣ୍ଡାଙ୍କ ସମେତ ଅନ୍ୟ କର୍ମଚାରୀ ସହଯୋଗ କରିଥିଲେ। ବିଭିନ୍ନ ଭୂମିକାରେ ଆଶିଷ ପଟେଲ, ନିକିତା ପ୍ରଧାନ, ନିକିତା ପଟେଲ, ଦୀପ୍ତି ମାଝୀ, ଭୁମାନୁ ଚାନ୍ଦ, ସୌଦାମିନୀ ମାଝୀ, ସଞ୍ଜିତା କମାର, ଚାମେଲି ପ୍ରଧାନ ପ୍ରମୁଖ ଅଭିନୟ କରିଥିଲେ।



### ଅଠରଗଡ଼ ଫୁଲମାଳି ସମାଜର ବାର୍ଷିକ ମହୋତ୍ସବ

# 'ସମାଜକୁ ସୁଦୃଢ଼ କରିବା ଦିଗରେ ସମସ୍ତଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି'

ସୁନ୍ଦରଗଡ଼, ୨୬ ।୧୨(ସମିସ)




ଟାଙ୍ଗରପାଲି ବ୍ଲକ କୁର୍ଗା ଗ୍ରାମରେ ଅଠରଗଡ଼ ଫୁଲମାଳି ସମାଜ ସୁନ୍ଦରଗଡ଼ ମଣ୍ଡଳର ବାର୍ଷିକ ମହୋତ୍ସବ ଦୁଇଦିନ ଧରି ଅନୁଷ୍ଠିତ ହୋଇଛି। ସମାଜର ସଭାପତି ପରସରାମ ପଟେଲ ମୁଖ୍ୟଅତିଥି ଭାବେ ଯୋଗଦେଇ ମହୋତ୍ସବକୁ ଉଦଘାଟନ କରିଥିଲେ। ସୁନ୍ଦରଗଡ଼ ମଣ୍ଡଳ ଉପସଭାପତି ରାଜୁ ପଟେଲଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଘାଟନୀ ସଭାରେ ସମ୍ମାନିତ ଅତିଥି ଭାବେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ଶାସନ ସଚିବ ଡୋଲାମଣି ପଟେଲ, ସମାଜ ପଦାଧିକାରୀ ଭି. ଚରଣ ପଟେଲ, ଯଦୁମଣି ପଟେଲ ପ୍ରମୁଖଙ୍କ ସମେତ ସମାଜର ମାନ୍ୟଗଣ୍ୟ ବ୍ୟକ୍ତି ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ସମାଜର ଇଷ୍ଟଦେବୀ ମା' ସମଲେଇଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଏହି ଅବସରରେ ସମାଜର ଫୁଲଝୁଡ଼ି ପତ୍ରିକା ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ପରେ ସମାଜର ଛାତ୍ରୀଛାତ୍ର ଏବଂ ମହିଳାଙ୍କୁ ସବଜୁନିୟର, ଜୁନିୟର ଏବଂ ସିନିୟର ବର୍ଗରେ ବିଭକ୍ତ କରାଯାଇ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ରାତିରେ ସମାଜର କୁନି କୁନି ପିଲାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।

ଉଦଯାପନୀ ଉତ୍ସବରେ ସୁନ୍ଦରଗଡ଼ ସଦର ବିଧାୟିକା କୁସୁମ ଟେଟେ ମୁଖ୍ୟଅତିଥି ଭାବେ ଯୋଗଦେଇ ସମାଜକୁ ସୁଦୃଢ଼ କରିବା ଦିଗରେ ସମସ୍ତ ବ୍ୟକ୍ତିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ସମାଜର ସାହାଯ୍ୟକାରୀ ସଭାପତି ଦୀନବନ୍ଧୁ ପଟେଲ, ପୂର୍ବତନ ସାହାଯ୍ୟକାରୀ ସଭାପତି ରଘୁବୀର ପାଣ୍ଡେ, ଟଙ୍କଧର ମାଝୀ, ଛଟେନପାଲି ଡିଏଭି ପବ୍ଲିକ ସ୍କୁଲ ଅଧ୍ୟକ୍ଷ ରଞ୍ଜନ କୁମାର ପଟେଲ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ମଧ୍ୟଭାଗରେ ପୂର୍ବତନ ସୁନ୍ଦରଗଡ଼ ସଦର ବିଧାୟକ ଯୋଗେଶ କୁମାର ସିଂହ ଓ ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ଯୋଗଦେଇ ଉତ୍ସାହିତ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗିଙ୍କୁ ଅତିଥି ପୁରସ୍କୃତ କରିଥିଲେ। ଅନନ୍ତ ପାଣ୍ଡେ, ରାଧାରମଣ ପଟେଲ, ଫିରୋଜ କୁମାର ପଟେଲ, ଲଳିତ ପଟେଲ, ସଜନ ନାଏକ, ଜଗନ୍ନାଥ ଠାକୁର, ଅହଲ୍ୟା ପଟେଲ, ଆଶା ପଟେଲ ପ୍ରମୁଖ ପ୍ରତିଯୋଗିତା ପରିଚାଳନା କରିଥିଲେ। ଅଞ୍ଚଳାଧିକାରୀ ଅନନ୍ତରାମ ପଟେଲ, ଡୋଲାମଣି ପାଣ୍ଡେ, ଗାଦୀ ସରପଞ୍ଚ ସଂକୀର୍ତ୍ତନ ପଟେଲ, ପବିତ୍ର ମୋହନ ନାଏକ, ଅଶୋକ ପଟେଲ, ଦେଶରଞ୍ଜନ ପଟେଲ, ପୌଲସ୍ତି ପାଣ୍ଡେ, ରାମଜୀ ପଟେଲ, ହେମନ୍ତ ପଟେଲ, ତରଣୀସେନ ପଟେଲ, ପୀତାମ୍ବର ପଟେଲ, ଶଶିଭୂଷଣ ନାଏକ, ଟଙ୍କଧର ପଟେଲ ପ୍ରମୁଖ ପଦାଧିକାରୀଙ୍କ ସମେତ ସୁନ୍ଦରଗଡ଼ ମଣ୍ଡଳର ଜାତିଭାଇଙ୍କ ସହଯୋଗ କ୍ରମେ ଏହା ଆୟୋଜିତ ହୋଇଥିଲା। ମହୋତ୍ସବରେ ସୁନ୍ଦରଗଡ଼, ସମ୍ବଲପୁର, ଝାରସୁଗୁଡ଼ା, ବରଗଡ଼ ଏବଂ ଛତିଶଗଡ଼ ଅଞ୍ଚଳରୁ ବହୁ ସଂଖ୍ୟକ ସାମାଜିକ ବ୍ୟକ୍ତି ଯୋଗଦେଇଥିଲେ।

# ପାରାଦୀପରେ ବାଜପେୟୀଙ୍କ ଜୟନ୍ତୀ



**ପାରାଦୀପ,୨୬ ।୧୨(ସମିସ):** ପାରାଦୀପର ଅଟଳ ବିହାରୀ ବାଜପେୟୀ ଟ୍ରଷ୍ଟ ପକ୍ଷରୁ ନୂଆବଜାରସ୍ଥିତ କାର୍ଯ୍ୟାଳୟ ପରିସରରେ ଭାରତରତ୍ନ ବାଜପେୟୀଙ୍କ ୯୯ ତମ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ବନ୍ଦରାଞ୍ଚଳରେ ଥିବା ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ସକାଳୁ ଜଗନ୍ନାଥ ମନ୍ଦିରରେ ସମୂହ ଦୀପଦାନ, ବନ୍ଦରାଞ୍ଚଳରେ ରହିଥିବା ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ଚାରାରୋପଣ ଆଦି କାର୍ଯ୍ୟକ୍ରମ କରାଯାଇଥିଲା । ସନ୍ଧ୍ୟାରେ ଟ୍ରଷ୍ଟ କାର୍ଯ୍ୟାଳୟରେ ଜୟନ୍ତୀ ଉତ୍ସବ ପାଳିତ ହୋଇଥିଲା । ଟ୍ରଷ୍ଟର ଅଧ୍ୟକ୍ଷ ଅଜିତ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ପାରାଦୀପ ପୌର ପରିଷଦର ଅଧ୍ୟକ୍ଷ ବସନ୍ତ ବିଶ୍ୱାଳ ଯୋଗ ଦେଇ ଅଟଳଜୀଙ୍କ ମାନବ ସମାଜ ପ୍ରତି ରହିଥିବା ସେବା ଓ ସମର୍ପଣର ମହାନୀୟତା ସମ୍ପର୍କରେ ଆଲୋଚନା କରିଥିଲେ । ସମ୍ମାନିତ ଅତିଥି ଭାବେ ଜଗନ୍ନାଥ ସଂସ୍କୃତି ଗବେଷକ ଡ. ଧୃତିଧର ଦାସ, ବରିଷ୍ଠ ଆଇନଜୀବୀ ତଥା ଟ୍ରଷ୍ଟର ଉପଦେଷ୍ଟା କୈଳାସ ଚନ୍ଦ୍ର ସାହୁ, ଉପାଧ୍ୟକ୍ଷା ଶୈଳେନ୍ଦ୍ରୀ ସେନାପତି, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ପ୍ରସନ୍ନ ପ୍ରଧାନ, କଳିଙ୍ଗ ମହିଳା ଶକ୍ତି ସଭାନେତ୍ରୀ ମନୋରମା ଖଟୁଆ ପ୍ରମୁଖ ଯୋଗ ଦେଇଥିଲେ ଟ୍ରଷ୍ଟର ସମ୍ପାଦକ ଅରୁଣ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ମୁଖ୍ୟଅତିଥି ଶ୍ରୀ ବିଶ୍ୱାଳ ପୁରସ୍କୃତ କରିଥିଲେ । ସେହିପରି ସମାନ୍ତରାଳ ଭାବେ ବଜପେୟୀଙ୍କ ଜୟନ୍ତୀ ଉପଲକ୍ଷେ ବିଜେପି ପକ୍ଷରୁ ଜୟଦେବ ସଦନଠାରେ ପାରାଦୀପ ମହୋତ୍ସବ ଉଦଘାଟିତ ହୋଇଯାଇଛି । ଏ ନେଇ ସନ୍ଧ୍ୟାରେ ଏକ ସଭାର ଆୟୋଜନ କରାଯାଇଥିଲା । ଏଥିରେ ବିଜେପିର ରାଜ୍ୟ ସଭାପତି ମନମୋହନ ସାମଲ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ବିଜେପି ନେତା ସମ୍ପଦ ସ୍ୱାଇଁଙ୍କ ସମେତ ବିଜେପିର ସ୍ଥାନୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ବସ୍‌ଯାତ୍ରୀଙ୍କୁ ଶୋଷଣର ସୀମା ପାର୍

**ରାଜକନିକା,୨୬ ।୧୨(ସମିସ)**

ସଡ଼କ ପଥରେ ଯୋଗାଯୋଗ କ୍ଷେତ୍ର ବ୍ୟାପକ ହେବା ପରେ ରାଜକନିକାର ବିଭିନ୍ନ ଅଞ୍ଚଳକୁ ଘରୋଇ ଯାତ୍ରୀବାହୀ ବସ୍ ଚଳାଚଳ ସୁଗମ ହୋଇଛି । ତେବେ ଧାର୍ଯ୍ୟ ଭଡ଼ାଠାରୁ ବହୁ ଅଧିକ ପରିମାଣର ଆଦାୟ କରି ଯାତ୍ରୀଭଙ୍କୁ ଶୋଷଣ କରାଯାଉଛି । ରାଜ୍ୟ ସରକାରଙ୍କ ନିୟମ ମୁତାବକ ଓ ସଡ଼କ ପରିବହନ ନିଗମର ନିଷ୍ପତ୍ତି ଅନୁଯାୟୀ ଏବେ ସାଧାରଣ ବସ୍ କିଲୋମିଟର ପିଛା ୮୯ ପଇସା, ଏକ୍ସପ୍ରେସ୍ ବସ୍ କିଲୋମିଟର ପିଛା ୯୩ ପଇସା ଓ ଡିଲକ୍ସ ବସ୍ (ଏସି) କିଲୋମିଟର ପିଛା ୧ ଟଙ୍କା ୨୪ ପଇସା ରହିଛି । ରାଜକନିକାରୁ ଦୈନିକ କଟକ, ଭୁବନେଶ୍ୱର, କେନ୍ଦ୍ରାପଡ଼ା, ବାଲେଶ୍ୱର, କୋଲକାତା ଓ ରାଉରକେଲା ଯାଉଥିବା କୌଣସି ଗୋଟିଏ ବସ୍‌ରେ ବି ଉଚିତ ଭଡା ନିଆ ନ ଯାଇ ପ୍ରତି ଯାତ୍ରୀଙ୍କଠାରୁ ୨୦ରୁ ୪୫ ଟଙ୍କା ଯାଏ ଅଧିକ ଭଡା ନିଆଯାଉଛି । ଏପରିକି କଟକର ନୂଆ ବସ୍ ଟର୍ମିନାଲଠାରୁ କନିକା ଅଞ୍ଚଳର ବିଭିନ୍ନ ଗାଁକୁ ଯାଉଥିବା ବସ୍‌ଗୁଡିକର ଯାତ୍ରୀଙ୍କ ଠାରୁ ବହୁ ଅଧିକ ଅର୍ଥ ଜୋର ଜବରଦସ୍ତ ଆଦାୟ ହେଉଥିବା ବହୁ ଯାତ୍ରୀ ଅଭିଯୋଗ କରିଛନ୍ତି । ତେବେ ରାଜକନିକା ଚନ୍ଦନପୋଖରୀ ଛକଠାରୁ କଟକର ଦୂରତା ୧୦୫ କିମି ଥିବା ବେଳେ ବେଳହୁ ଏ ବାବଦ ୧୨୦ ଓ ପରେ ଏବେ ୧୫୦ ଟଙ୍କାର ଭଡା ଆଦାୟର ଜୁଲମ ଜାରି ରହିଛି । ସେହିପରି ବିଭିନ୍ନ ଗାଁକୁ ଯାଉଥିବା ବସ୍‌ଗୁଡିକରେ ମନ ଇଚ୍ଛା ଭଡା ଆଦାୟ ହେଉଛି । ପ୍ରତି ଯାତ୍ରୀଠାରୁ ସର୍ବନିମ୍ନ ୨୦ ଟଙ୍କା ନିହାତି ଅଧିକ ନେଉଥିବା ବସ ଗୁଡିକ ବିଭିନ୍ନ ଯୁକ୍ତି କରିବା ସହ ଧାର୍ଯ୍ୟ ଭଡାଠାରୁ ଅଧିକ ଅର୍ଥ ଦାବି ପାଇଁ ଦୈନିକ ଗଣ୍ଡଗୋଳ ଜାରି ରହିଛି । ବସ୍‌ରେ ରହୁଥିବା କଣ୍ଡକ୍ଟରମାନେ ଅଭ୍ୟାସଗତ ଭାବରେ ଭଡା ବାବଦ ଅଧିକ ଅର୍ଥ ଆଦାୟ କରିବା, ପ୍ରତିବାଦ କଲେ ଧମକ ଦେବା, ଯାତ୍ରୀଙ୍କଠାରୁ ଲଗେଜ ବାବଦ ଅର୍ଥ ଅଧିକ ନେବା ଭଳି କାରବାର ଯାତ୍ରୀଙ୍କୁ ଅସୁବିଧାରେ ପକାଇବା ସହ ଆର୍ଥିକ ଶୋଷଣକୁ ମଧ୍ୟ ତୀବ୍ର କରିଛି । ତେବେ ବିଭିନ୍ନ ସମୟରେ ସରକାର ଓ ଘରୋଇ ବସ୍ ମାଲିକ ସଂଘ ମଧ୍ୟରେ ଚୁକ୍ତି କରାଯାଇ ତୈଳ ଦର ବୃଦ୍ଧି ପରେ ଭଡା ବଢୁଥିବା ବେଳେ ତୈଳ ଦର କମିଲେ ମଧ୍ୟ ଭଡା କମୁ ନ ଥିବାର ପ୍ରମାଣ ରାଜକନିକା ଅଞ୍ଚଳର ଯାତ୍ରୀଙ୍କୁ ଶୋଷଣ କରି ଆସୁଛି । ଘରୋଇ ବସ୍ ମାଲିକ ସଙ୍ଘର ନିୟମ ଭିତରେ ଚାଲୁଥିବା ବହୁ ବସ୍‌ରେ ରାଜକନିକା ଯାତ୍ରୀ ସିଧା ସଳଖ ଆର୍ଥିକ ଶୋଷଣର ସମ୍ମୁଖୀନ ହେଉଛି । ଏ ବାବଦରେ ଆଞ୍ଚଳିକ ପରିବହନ ବିଭାଗ କେବେ ବି ନିଜ ଆଡୁ ତନଖି ନ କରିବା, ବିଶେଷ କରି ପ୍ରତି ଯାତ୍ରୀବାହୀ ବସ୍‌ରେ ସଂରକ୍ଷଣ ଅନୁଯାୟୀ ପୂର୍ବତନ ସାଂସଦ, ବିଧାୟକ, ଦିବ୍ୟାଙ୍ଗ ଓ ମହିଳାଙ୍କ ପାଇଁ ସିଟ୍ ସଂରକ୍ଷିତ ରଖିବାର ନିୟମ ଥିଲେ ବି କୌଣସି ଗୋଟିଏ ବି ବସ୍‌ରେ ଏହା ପାଳନ କରାଯାଉ ନ ଥିବା ଦେଖିବାକୁ ମିଳିଛି । ଅନ୍ୟପକ୍ଷରେ ବସ୍‌ଗୁଡିକରେ ପର୍ଯ୍ୟାପ୍ତ ପିଇବା ପାଣି, ଫାଷ୍ଟଏଡ଼୍ ବକ୍ସ ରଖାଯିବ ପାଇଁ ନିୟମ ଥିଲେ ହେଁ ଅଧିକାଂଶ ବସ୍‌ରେ ଏହି ବକ୍ସ ଥିଲେ ବି ନାମକୁ ମାତ୍ର ରହିଛି । ସେହିପରି ଯାତ୍ରୀଙ୍କ ଅଭିଜ୍ଞତା ସମ୍ପର୍କରେ ଅଭିଯୋଗ ବା ପରାମର୍ଶ ବକ୍ସ ରହିବାର ନିୟମ ଥିଲେ ବି ତାହା ପାଳନ କରାଯାଉନାହିଁ । ଘରୋଇ ବସ୍‌ଗୁଡିକରେ ଭଡା ନାଁରେ ଅଧିକ ଅର୍ଥ ଆଦାୟ, ଲଗେଜ ପାଇଁ ସ୍ୱତନ୍ତ୍ର ଅର୍ଥ ପାଇଁ ଜୁଲମ ଏବଂ ଫିଟନେସ ପାଇଁ ଥିବା ସମସ୍ତ ଗାଇଡଲାଇନର ଉଲଂଘନ କରି ବସ୍ ସେବା ଚାଲୁଥିବାରୁ ଏହା ଯାତ୍ରୀଙ୍କ ଧନ ଓ ଜୀବନକୁ ପ୍ରଭାବିତ କରିବାରେ ଲାଗିଛି । ରାଜକନିକାର ବସ୍‌ଯାତ୍ରୀଙ୍କୁ ସବୁ ସମୟରେ ଶୋଷଣ କରୁଥିବା ସମସ୍ତ ଘରୋଇ ବସ୍‌ଗୁଡିକରେ ଚାଲିଥିବା ବେନିୟମ ଅର୍ଥ ଆଦାୟ ସହ ଅନ୍ୟ ସମସ୍ତ ଅସୁବିଧା ଦୂର ପାଇଁ ସଡ଼କ ପରିବହନ, ଆଞ୍ଚଳିକ ପରିବହନ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହୋଇଛି ।

# ଏସ୍‌ଭିଏମ୍ ୧୯୯୭ ବ୍ୟାଚ୍‌ର ବନ୍ଧୁମିଳନ



**ଜଗତସିଂହପୁର,୨୬।୧୨(ସମିସ):** ଜଗତସିଂହପୁର ସ୍ୱାମୀ ବିବେକାନନ୍ଦ ସ୍ମାରକ ସ୍ୱୟଂଶାସିତ ମହାବିଦ୍ୟାଳୟର ୧୯୯୨-୧୯୯୭ ବ୍ୟାଚର ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କଲେଜର ୧୯୯୭ ମହିହା ଛାତ୍ର ସଂସଦ ସଭାପତି ଅରୁପାନନ୍ଦ ଖଣ୍ଡୁଆଳ, ରାଧାକାନ୍ତ ମିଶ୍ର, ତ୍ରିଲୋଚନ ସାହୁ, ମହାମାୟା ଜେନା ଓ ନିଳୀମା ନନ୍ଦଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ବନ୍ଧୁମିଳନ ଉତ୍ସବରେ ବ୍ୟାଚର ୫୦ରୁ ଅଧିକ ଛାତ୍ରଛାତ୍ରୀ ଯୋଗଦେଇ କଲେଜରେ ପାଠ ପଢିବା ସମୟର ସ୍ମୃତିକୁ ମନେ ପକାଇଥିଲେ । ସେତେବେଳେ ଅଧ୍ୟାପକ/ଅଧ୍ୟାପିକାଙ୍କ ସହ ଛାତ୍ରଛାତ୍ରୀଙ୍କ ସମ୍ପର୍କ ବିଷୟରେ ଆଲୋଚନା କରିଥିଲେ । ପ୍ରତିବର୍ଷ ଡିସେମ୍ବର ଶେଷ ରବିବାର ଏହି ବନ୍ଧୁମିଳନ ଆୟୋଜନ କରିବାକୁ ସ୍ଥିର କରାଯାଇଥିଲା । ଏଥିରେ ପ୍ରକାଶ ପ୍ରଧାନ, ଆଲୋକ ସାହୁ, ସୂର୍ଯ୍ୟକାନ୍ତ ପ୍ରଧାନ, ରଞ୍ଜିତ ସାହୁ, ଇଭାନ ମଲ୍ଲିକ, ମନୋରଞ୍ଜନ ରାଉତରାୟ, ତପନ ସାମନ୍ତରାୟ, ଶୈ÷ଳାଂଶୁ ଦାସ, ସ୍ମୃତିରଞ୍ଜନ ରାୟ, ହୃଷିକେଶ ଦାସ, ଦେବିପ୍ରସନ୍ନ ମହାନ୍ତି, ଚିତ୍ତରଞ୍ଜନ ପରିଡ଼ା, ସଞ୍ଜୀବ ପ୍ରଧାନ, ପ୍ରଶାନ୍ତ ସାହୁ, ସାଗରିକା ସାମନ୍ତରାୟ, ସୁଚିସ୍ମିତା ମହାନ୍ତି, ବନଜା ନାୟକ, ତପସ୍ୱିନୀ ମହାନ୍ତି, ମଧୁସ୍ମିତା ସାହୁ ପ୍ରମୁଖ ଯୋଗ ଦେଇଥିଲେ ।

# ବିଜେଡି ପ୍ରତିଷ୍ଠା ଦିବସରେ ପାରାଦୀପରେ ବିଭିନ୍ନ କାର୍ଯ୍ୟକ୍ରମ

**ପାରାଦୀପ,୨୬।୧୨(ସମିସ):** ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଜୁ ଜନତା ଦଳର ୨୭ତମ ପ୍ରତିଷ୍ଠା ଦିବସ ସମଗ୍ର ଓଡ଼ିଶାରେ ପାଳନ କରାଯାଇଥିବାବେଳେ ପାରାଦୀପ ବିଜେଡି ପକ୍ଷରୁ ଏହି ଦିବସକୁ ବହୁ ଆଡ଼ମ୍ବରରେ ପାଳନ କରାଯାଇଛି । ନଗର ସଭାପତି ତଥା ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳଙ୍କ ନେତୃତ୍ୱରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ପାରାଦୀପ ବନ୍ଦର ବିଜୁବାବୁଙ୍କ ଦ୍ୱାରା ସ୍ଥାପନ କରାଯାଇଥିଲା । ତାଙ୍କରି ନାମରେ ନାମିତ ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସକୁ ପାରାଦୀପ ଜନତା ଭୁଲିନାହାନ୍ତି । ଯୁବ, ଛାତ୍ର, ମହିଳା, ବରିଷ୍ଠ ନେତୃତ୍ୱଙ୍କୁ ନେଇ ଅଠରବାଙ୍କୀଠାରେ ଥିବା ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହିତ ସେଠାରେ ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ପରେ ବଡ଼ପଡ଼ିଆ ଥାନା ଛକରୁ ଗଣଦୌଡ଼ ଆରମ୍ଭ ହୋଇ ବିଜୁ ମୈଦାନରେ ବିଜୁବାବୁଙ୍କ ସ୍ମୃତିଚାରଣ କରୁଥିବା ବିଜୁମୀନାରଠାରେ ପହଞ୍ଚିଥିଲେ । ଏହି ଗଣଦୌଡ଼କୁ ରାଜ୍ୟ ସାଧାରଣ ସମ୍ପାଦକ ସନ୍ତୋଷ କୁମାର ପଟ୍ଟନାୟକ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ ।



ସଭାସ୍ଥଳରେ ନଗର ସଭାପତି ଶ୍ରୀ ବିଶ୍ୱାଳ ଦଳୀୟ ପତାକା ଉଦ୍‌ଘାଟନ କରିବା ସହିତ ସାଂସ୍କୃତିକ ସଭାକାର୍ଯ୍ୟରେ ସଭାପତିତ୍ୱ କରିଥିଲେ । ଜଗତସିଂହପୁରର ପୂର୍ବତନ ସାଂସଦ ଡା. କୁଳମଣି ସାମଲ ବିଜୁ ଜନତା ଦଳର ବିକାଶ, ନୀତି ଓ ଆଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ । 'ସୁସ୍ଥ ଓଡ଼ିଶା ଓ ସ୍ୱଚ୍ଛ ଓଡ଼ିଶା' ସମ୍ପର୍କରେ ପାରାଦୀପ ବ୍ରହ୍ମକୁମାରୀ ଆଶ୍ରମର ଭଉଣୀମାନଙ୍କ ଦ୍ୱାରା ସଭାସ୍ଥଳୀରେ ଥିବା ଲୋକମାନଙ୍କୁ ରାଜଯୋଗ ଶିକ୍ଷା ପ୍ରଦାନ କରିଥିଲେ । ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ମୟୂରୀ କଳାପରିସଦର ପିଲାମାନଙ୍କ ଦ୍ୱାରା ନୃତ୍ୟଗୀତ ମାଧ୍ୟମରେ ପ୍ରଦର୍ଶିତ କରାଯିବା ସହ ବେଳାଭୂମିରେ ସମୂହ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା । ଏହି ସମସ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ଉପସଭାପତି ଜ୍ୟୋତିକାନ୍ତ ପରିଡା, ସାଧାରଣ ସମ୍ପାଦକ ଉଲ୍ଲାସଚନ୍ଦ୍ର ବିଶ୍ୱାଳ, ଯୁବ ସଭାପତି ଆଲୋକ ମହାପାତ୍ର, ଅଟଳ ପରିଡା, ସୁଶୀଲ ମହାପାତ୍ର, ଶଙ୍କରପ୍ରସାଦ ରାଉତ, ଜିଲ୍ଲା ମହିଳା ସଭାପତି ସବିତା ମହାପାତ୍ର, ଉପସଭାପତି ଚାପଳା ସ୍ୱାଇଁ, ନାରୀନେତ୍ରୀ ନଳିନୀପ୍ରଭା ସାହୁ ଓ ପ୍ରଭାତୀ ନାୟକଙ୍କ ସମେତ ଶହଶହ ସଂଖ୍ୟାରେ ଦଳୀୟ କର୍ମୀ ଉପସ୍ଥିତ ଥିଲେ ।

## ରକ୍ତଦାନ ଶିବିର

**ବାଲିକୁଦା:** ବିଜୁ ଜନତା ଦଳର ୨୭ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ସମଗ୍ର ରାଜ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯାଇଲଥିଲା । ଏହି ପରିପ୍ରେକ୍ଷୀରେ ବାଲିକୁଦା ବିଜେଡି ପକ୍ଷରୁ ଯୁବନେତା ସଞ୍ଜୀବ ଏସ୍ ବିଶ୍ୱାଳଙ୍କ ନେତୃତ୍ୱରେ ବ୍ଲକ୍‌ର ଆମ୍ବେଶାଳ କଲ୍ୟାଣୀମଣ୍ଡପ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ରାମଚନ୍ଦ୍ର ମହାନ୍ତି, ପୂର୍ବତନ ସରପଞ୍ଚ ହେମନ୍ତ ସେଠୀ, ଅଳାଭର ସମିତି ସଭ୍ୟ ହରିଶ୍ଚନ୍ଦ୍ର ଶତପଥୀ, ଗୋପାଳଚରଣ ରାଉତ, ଦେବେନ୍ଦ୍ର ଭୋଳ, ରମେଶ ପାଇଟାଳ, ପର୍ଶୁରାମ ସେଠୀ, ନବକିଶୋର ଜେନା, ମନୋଜ ଷଡ଼ଙ୍ଗୀ, ଅଭିନାଶ ସାହୁ, ପ୍ରତାପ ଦେଠି, ଜ୍ଞାନରଞ୍ଜନ ଜେନା, ରଞ୍ଜନ ସାସମଲ, ପ୍ରହ୍ଲାଦ ଦାସ, କିଶୋର ସେନାପତି, ପ୍ରଦୀପ୍ତ ବାରିକ, ରାକେଶ ମହାନ୍ତି ଓ ପ୍ରତାପ ବିଶ୍ୱାଳ ପ୍ରମୁଖ ରକ୍ତ ଦାତାଙ୍କୁ ଉତ୍ସାହିତ କରିଥିଲେ । ଶିବିରରେ ମୋଟ ୧୧୦ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିବା ବେଳେ ଡା. ହିମାଂଶୁ ଶେଖର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୁଚିତ୍ର ନାୟକ, ନିରଞ୍ଜନ ରାଉତ, ସତ୍ୟାନନ୍ଦ ପରିଡା, ଦେବାଶିଷ ରାଉତ, ହିରଣ୍ୟ ଗୋଛାୟତ ଓ ପୁଷ୍ପାଞ୍ଜଳି ଦାସ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ । ଶିବିରକୁ ମାନସ ପାତ୍ର, ନିତ୍ୟାନନ୍ଦ ଜେନା, ସୌମ୍ୟରଞ୍ଜନ ସିଂହ, ସୁଭଜିତ ସାହୁ, ନାରାୟଣ ସାହୁ, ଆକାଶ ପରିଡା ଓ ଦୀପକ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ ।



# ଡିଏଭି ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ




**ପାରାଦୀପ,୨୬।୧୨(ସମିସ):** ପାରାଦୀପ ପୋର୍ଟ ଡିଏଭି ପବ୍ଲିକ ସ୍କୁଲରେ ବାର୍ଷିକ ଉତ୍ସବ 'ଐକ୍ୟମ' ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବେ ବନ୍ଦର ମୁଖ୍ୟ ଚିକିତ୍ସାଧିକାରୀ ଡା. ବିଭୂତି ଭୂଷଣ ଦାସ ଏବଂ ସମ୍ମାନିତ ଅତିଥି ଭାବେ ବନ୍ଦର ସିନିଅର ଆସିଷ୍ଟାଣ୍ଟ ଇଷ୍ଟେଟ ମ୍ୟାନେଜର ବିଶ୍ୱଜିତ ମିଶ୍ର, ରିଫାଇନାରୀ ଡିପିଏସ ସ୍କୁଲର ଅଧ୍ୟକ୍ଷ, ପିପିଏଲ ଡିଏଭି ଅଧ୍ୟକ୍ଷ ସଞ୍ଜୀବ କୁମାର ସାହୁ ଓ ପାରାଦୀପ ପୋର୍ଟ କେଭିର ଅଧ୍ୟକ୍ଷ ପଙ୍କଜ ଭରସାନି ପ୍ରମୁଖ ଯୋଗ ଦେଇଥିଲେ । ଭାରତୀୟ ତଟରକ୍ଷୀ ବାହୀନିର କମାଣ୍ଡାଣ୍ଟ ଦୀପକ ରଞ୍ଜନ ସିଂଙ୍କୁ ଅତିଥି ଭାବେ ସମ୍ମାନିତ କରାଯାଇଥିଲା । ପୂର୍ବ ବର୍ଷର ଦଶମ ବୋର୍ଡ ପରୀକ୍ଷାରେ ୯୦ ପ୍ରତିଶତରୁ ଅଧିକ ରଖିଥିବା ଛାତ୍ରଛାତ୍ରୀଙ୍କୁ ମୁଖ୍ୟଅତିଥି ସମ୍ମାନିତ କରିଥିଲେ । ଏଥିସହ ବିଭିନ୍ନ କ୍ଷେତ୍ରରେ ଅବଦାନ ପାଇଁ କର୍ମଚାରୀ ଓ ସ୍କୁଲର ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ସ୍କୁଲର ଅଧ୍ୟକ୍ଷା ବିନ୍ଦୁଶ୍ରୀ ମହାନ୍ତି ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ । ହୃଷିକେଶ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ମରଣ ସହ ଲଢୁଛନ୍ତି ରବୀନ୍ଦ୍ର

- ବ୍ରେନ୍‌ଷ୍ଟ୍ରୋକ ହେବାରୁ ତଳିତଳାନ୍ତ
- ଚିକିତ୍ସା ପାଇଁ ଅର୍ଥାଭାବ ବାଧକ



**କେନ୍ଦ୍ରାପଡା,୨୬ ।୧୨(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲାର ଗରଦପୁର ବ୍ଲକ ଗରଦପୁର ଗ୍ରାମର ୪୨ ବର୍ଷୀୟ ରବୀନ୍ଦ୍ର ସେଠୀ ମରଣ ସହ ଲଢୁଛନ୍ତି । ବ୍ରେନ ଷ୍ଟ୍ରୋକ୍‌ରେ ସେ ତଳିତଳାନ୍ତ ହୋଇ ଯାଇଛନ୍ତି । ସବୁକିଛି ଶେଷ ହୋଇଯାଇଛି ।

ବର୍ଷେ ତଳେ ବେକ ବଙ୍କା ହୋଇ ବିନ୍ଧିବା ଆରମ୍ଭ ହୋଇଥିଲା । ଦୁଇଟି ଗୋଡ ଅଚଳ ହୋଇଗଲା । ପକ୍ଷାଘାତ ହୋଇ ଶରୀର କାର୍ଯ୍ୟକ୍ଷମ ହେଲାନି । ଡାକ୍ତରଙ୍କୁ ଦେଖାଇବା ପରେ ବିଭିନ୍ନ ପରୀକ୍ଷାରୁ ବ୍ରେନ୍ ଷ୍ଟ୍ରୋକ ହୋଇଥିବା ଜାଣିବାକୁ ମିଳିଥିଲା । ଏବେ ଟଙ୍କା ଅଭାବରୁ ଔଷଧ ମଧ୍ୟ କିଣି ହେଉନି । କେବଳ ବିଛଣାରେ ପଡ଼ିଛନ୍ତି । କେବଳ ରାସନ ସାମଗ୍ରୀ ଗଣ୍ଡେ ମିଳୁଛି ବୋଲି ପରିବାର ୪ ସଦସ୍ୟ ବଞ୍ଚିଛନ୍ତି । ପାଖରେ ବିଜୁ ସ୍ୱାସ୍ଥ୍ୟ କାର୍ଡ ଅଛି; ହେଲେ ଚିକିତ୍ସା ପାଇଁ ମେଡିକାଲ ପର୍ଯ୍ୟନ୍ତ ଅର୍ଥ ନ ଥିବାରୁ ଯାଇପାରୁନାହାନ୍ତି । ରବୀନ୍ଦ୍ର ୱାର୍ଗିଂ କାମ କରି ପରିବାର ପ୍ରତିପୋଷଣ କରୁଥିଲେ । ଘରେ ପତ୍ନୀ ସାଗରିକା, ୧୬ ବର୍ଷର ଝିଅ ଯାଜ୍ଞସେନି, ୧୩ ବର୍ଷର ପୁଅ । ଝିଅ ଲୋକନାଥ ମହାବିଦ୍ୟାଳୟରେ ଯୁକ୍ତ ୨ ବିଜ୍ଞାନ ପଢୁଛି । ପୁଅ ଅଷ୍ଟମ ଶ୍ରେଣୀରେ ପାଠ ପଢୁଛି; ହେଲେ ପିଲାଙ୍କ ପାଠପଢାରେ ଏବେ ଡୋରି ବନ୍ଧା ହେବା ଭଳି ପରିସ୍ଥିତି ଉପୁଜିଛି ବୋଲି ସାଗରିକା କହିଛନ୍ତି ।

# ଭଙ୍ଗା ଘରେ କଟୁଛି ଜୀବନ

**ଓଳାଭର,୨୬ ।୧୨(ସମିସ):** କେହି ମାଟି ଘରେ ରହିବେ ନାହିଁ ବୋଲି କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା କରିଛନ୍ତି । ସମସ୍ତଙ୍କ ମୁଣ୍ଡ ଉପରେ ପକ୍କା କଂକ୍ରିଟ ଛାତ ରହିବ ବୋଲି ଆବାସ 'ଯୋଜନା' ରହିଛି; ହେଲେ ତୃଣମୂଳସ୍ତରରେ ଦାୟିତ୍ୱ ସମ୍ପାଦନ କରୁଥିବା ପ୍ରଶାସନିକ ଅଧିକାରୀ ନିଜର କର୍ତ୍ତବ୍ୟରେ ଅବହେଳା କରୁଛନ୍ତି । ଏଣୁ ପ୍ରକୃତ ଗରିବ ହିତାଧିକାରୀଙ୍କ ପାଇଁ ସରକାରୀ ଆବାସ ସାତ



ସପନ ହୋଇ ଯାଇଛି । ରାଜକନିକା ବ୍ଲକ୍ ସିହୋପଡା ପଞ୍ଚାୟତ ସିହୋପଡା ଗାଁର ଗୋବର୍ଦ୍ଧନ ଜେନା (୪୪) ଆଉ ସବିତା ଜେନା(୪୨)ଙ୍କ କ୍ଷେତ୍ରରେ ଏଭଳି ଦେଖିବାକୁ ମିଳିଛି । ଏହି ଗରିବ ଦମ୍ପତି ଇତି ମଧ୍ୟରେ ସରକାରୀ ଘର ଖଣ୍ଡେ ପାଇଁ ଦୀର୍ଘଦିନ ହେବ ପଞ୍ଚାୟତରୁ ବ୍ଲକ ଯାଏ ଧାଇଁ ଧାଇଁ ନୟାନ୍ତ ହେଲେ ବି ଫଳ ଶୂନ । ଏମିତିକି ବ୍ଲକ ପ୍ରଶାସନର ତିନି ତିନି ଥର ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମରେ ଘର ପାଇଁ ଦରଖାସ୍ତ କରିଥିଲେ ବି ତାଙ୍କ କଥା କେହି ଶୁଣୁ ନାହାନ୍ତି ବୋଲି ଅଭିଯୋଗ କରିଛନ୍ତି । ବହୁ ଦିନର ଭଙ୍ଗା ଦଦରା ଘର ଏବେ ଭଗ୍ନ ପ୍ରାୟ । ଚାଳ ଫୁଟି ସୂର୍ଯ୍ୟଚନ୍ଦ୍ର ଦେଖାଯାଉଛି । ଛପର କରିବାକୁ ସମ୍ବଳ ନାହିଁ । ଖରାବର୍ଷା, ଶୀତକାକରରେ ଏମାନଙ୍କ ପରିବାର ବହୁ କଷ୍ଟରେ ରହୁଛନ୍ତି । ପରିବାର କହିଲେ ୩ ଝିଅ ସୌଭାଗିନୀ, ସ୍ନିଗ୍ଧାରାଣୀ ଓ ଶର୍ମିଷ୍ଠା । ପରିବାରର ୫ ଜଣଙ୍କ ପାଇଁ କେବଳ ରାସନ୍ ଚାଉଳ ହିଁ ଭରସା । ଏମିତିକି ପିଲାଙ୍କ ପାଠ ପଢାଇବା କାଠିକର ପାଠ ହେଇ ଯାଇଛି ।

## ଦିବ୍ୟାଙ୍ଗଙ୍କୁ ସହାୟତା

**ଓଳାଭର,୨୬ ।୧୨(ସମିସ):** ରାଜକନିକା ବ୍ଲକ୍ ଓଳାଭର ଅଞ୍ଚଳର ଅଗ୍ରଣୀ ସାମାଜିକ ଅନୁଷ୍ଠାନ "ଓପାସ ରହିବନି କେହି'ର କର୍ମକର୍ତ୍ତା ଦିବ୍ୟାଙ୍ଗ ସିହୋପଡା ଗାଁର ଦିବ୍ୟାଙ୍ଗ ସତ୍ୟବ୍ରତ ଜେନାଙ୍କୁ ସହାୟତା ପ୍ରଦାନ କରିଛନ୍ତି । ଏକ ଦୁର୍ଘଟଣା ଯୋଗୁଁ ସେ ଅକର୍ମଣ୍ୟ ହେବା ସହ ମାନସିକ ଭାବେ ଭାଙ୍ଗି ପଡିଥିଲେ । ସେ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ । ତାପରଠୁ ଘରେ ଅତି ଦୟନୀୟ ଭାବେ ପଡି ରହିଛନ୍ତି । ଅଭାବ ଅନାଟନ ଭିତରେ ଗତି କରୁଥିଲେ ବି ରାସନ୍ ଚାଉଳ ହିଁ ତାଙ୍କ ଜୀବନ ବଞ୍ଚାଇଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ତିନି ତିନି ଜଣ ପିଲାଙ୍କୁ ନେଇ ଏହି ପରିବାର ଭଙ୍ଗା ଦଦରା ଚାଳ ଘରେ ବସବାସ କରୁଥିଲେ ବି ସରକାରୀ ଘର ଖଣ୍ଡେ ପାଇଁ ବହୁବାର ଦାବି କରି ଆସୁଥିଲେ ବି କେହି ଶୁଣୁ ନାହାନ୍ତି । ଏଥିପାଇଁ ସେମାନେ ଅତି ଦୟନୀୟ ଭାବେ ଜୀବନ ନିର୍ବାହ କରୁଛନ୍ତି । "ଉପାସ ରହିବେନି କେହି'ର କର୍ମକର୍ତ୍ତା ସୁଶାନ୍ତ ନାୟକ, ମୃତ୍ୟୁଞ୍ଜୟ ବିହାରୀ, ସିଦ୍ଧାର୍ଥ ପୃଷ୍ଟି, ଜନ୍ ନାୟକ, ସନ୍ଦୀପ ଦାଶ ପ୍ରମୁଖ ସତ୍ୟବ୍ରତଙ୍କୁ ରାସନ୍ ସାମଗ୍ରୀ ଓ ୨ହଜାର ଟଙ୍କା ପ୍ରଦାନ କରିଥିଲେ ।



# ୱାନ୍ ଟୁ ୱାନ୍ କମ୍ପାନୀ ବିରୋଧରେ ବଢୁଛି ଅଭିଯୋଗର ଫର୍ଦ୍ଦ

**ଗରଦପୁର,୨୬।୧୨(ସମିସ)**

ଦିନକୁ ଦିନ ୱାନ ଟୁ ୱାନ୍ କମ୍ପାନୀ ବିରୋଧରେ ଠକେଇ ପରିମାଣ ବଢ଼ିବାରେ ଲାଗିଛି । କମ୍ପାନୀରେ ଚାକିରି ଦେବା ନାଁରେ ଏ ପର୍ଯ୍ୟନ୍ତ ୪ କୋଟିରୁ ଅଧିକ ଟଙ୍କା ଠକେଇ ହୋଇଥିବା ନେଇ ଅଭିଯୋଗ ହେଲାଣି । କମ୍ପାନୀ ଦାୟିତ୍ୱରେ ଥିବା କର୍ମଚାରୀମାନେ ଦୀର୍ଘ ୨ ବର୍ଷ ହେଲା ଆଶାୟୀଙ୍କଠାରୁ ଟଙ୍କା ଠକି ନେଇ ଫେରାର ହୋଇଯାଇଛନ୍ତି । ଆଶାୟୀ ଚାକିରି ନ ପାଇ ନିରାଶ ହେବା ପରେ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଟଙ୍କା ଫେରସ୍ତ ମାଗିଥିଲେ ମଧ୍ୟ ଟଙ୍କା ନ ଫେରାଇ ରାତାରାତି କାର୍ଯ୍ୟାଳୟ ବନ୍ଦ କରି ଉଭାନ । ତେବେ ଚାକିରି ନ ଦେବା ଓ ଟଙ୍କା ନ ମିଳିବା ନେଇ କମ୍ପାନୀର ମୁଖ୍ୟ ପରିଚାଳକ ପ୍ରତାପ ମହାନ୍ତିଙ୍କୁ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଶାଖା ଗିରଫ କରିବା ପାଇଁ ଠକାମିର ଶିକାର ହୋଇଥିବା ଶତାଧିକ ଆଶାୟୀମାନେ ଦାବି କରିଛନ୍ତି । କମ୍ପାନୀର ନିର୍ଦ୍ଦେଶକ ପ୍ରତାପ ମହାନ୍ତି ଓ ପରିଚାଳନା ନିର୍ଦ୍ଦେଶକ ଅମୂଲ୍ୟ ନନ୍ଦ, ପରିଚାଳକ କୈବଲ୍ୟ ଚନ୍ଦ୍ର ପ୍ରଧାନ ପ୍ରମୁଖ ସାରା ରାଜ୍ୟରୁ ଅନୁମାନିକ ୪ କୋଟି ଟଙ୍କାରୁ ଅଧିକ ଟଙ୍କା ଠକି ନେଇଛନ୍ତି । ତେବେ ଏମାନଙ୍କ ନାଁରେ ଅଭିଯୋଗ ହୋଇଥିଲେ ମଧ୍ୟ ସେମାନଙ୍କୁ ପୁଲିସ ଗିରଫ କରିବାରେ ବିଫଳ ହେବା ସହ ତଦନ୍ତ ମଧ୍ୟ ଶୀତଳ ହୋଇ ପଡିଛି । ଭୁବନେଶ୍ୱର ତମାଣ୍ଡୋ ଅଞ୍ଚଳର ଏହି କମ୍ପାନୀ ତାର କିଷାନ ସଭା, ଟାଟା ପାୱାର ସମେତ ବିଭିନ୍ନ ସଂସ୍ଥାରେ ଚାକିରି ଦେବାକୁ କହି ପାଟକୁରା, ଗରଦପୁର, ମାର୍ଶାଘାଇ, ଡେରାବିଶ ସମେତ ଜିଲ୍ଲାର ବିଭିନ୍ନ ବ୍ଲକର ଯୁବକ ଯୁବତୀଙ୍କୁ

**୪ କୋଟିରୁ ଅଧିକ ଠକେଇ**

ପ୍ରଲୋଭିତ କରିଥିଲା । ଏପରିକି କମ୍ପାନୀରେ ଜିଲ୍ଲା ସଂଯୋଜକ, ଟିମ୍ ମ୍ୟାନେଜର, ସୁପରଭାଇଜର ଭଳି ପଦବୀ ସୃଷ୍ଟି କରି ମାସକୁ ମୋଟା ଅଙ୍କର ଦରମା ଦେବାକୁ ପ୍ରତିଶ୍ରୁତି ଦେଇ ନିଯୁକ୍ତି ଦେଇଥିଲା । ଏହା ବଦଳରେ ପ୍ରତ୍ୟେକ ପଦବୀ ଓ ଚାକିରି ପାଇଁ ୩୦ ହଜାରରୁ ୫୦ ହଜାର ଟଙ୍କା ନେଇଥିଲେ ମଧ୍ୟ କାହାକୁ ଚାକିରି ମିଳି ନ ଥିଲା । ତେବେ ଏହାରି ଭିତରେ କେତେକ ଯୁବକ ଓ ଯୁବତୀ କାମ କରୁଥିଲେ । ସେମାନେ କିନ୍ତୁ କମ୍ପାନୀ ନାଁରେ ବିଭିନ୍ନ ଅଭିଯୋଗ ଶୁଣିଥିଲେ । ପାଟକୁରା ଥାନା ବଛରେଇ ଗ୍ରାମର କେତେକ ଗ୍ରାମବାସୀ କମ୍ପାନୀରେ କାର୍ଯ୍ୟରତ କର୍ମଚାରୀଙ୍କୁ ୨୦୨୧ ସେପ୍ଟେମ୍ବର ୭ ତାରିଖରେ ପାଟକୁରା ଥାନା ଜିମା ଦେଇ ଅଭିଯୋଗ କରିଥିଲେ । ସେହି କର୍ମଚାରୀ ଏଭଳି ଅଭିଯୋଗ ଶୁଣି ଚାକିରି ପାଇଁ ଦେଇଥିବା ଟଙ୍କା ଫେରସ୍ତ ପାଇଁ କମ୍ପାନୀ କାର୍ଯ୍ୟାଳୟ ଯାଇ ନିରାଶ ହେବା ପରେ କମ୍ପାନୀ ବିରୋଧରେ ୨୦୨୨ ମାର୍ଚ୍ଚ ୧୮ରେ ଅଭିଯୋଗ କରିଥିଲେ; ହେଲେ ଅଦ୍ୟାବଧି ଅଭିଯୋଗକୁ ୨ ବର୍ଷରୁ ଅଧିକ ହୋଇଥିଲେ ବି ତଦନ୍ତ ଶୀତଳ ହୋଇ ପଡି ରହିଛି । ଅଭିଯୋଗକାରୀ ସୁରୂପ ରାଉତ, ରମେଶ ଚନ୍ଦ୍ର ସେଠୀ, ସନ୍ଦୀପ ମଲ୍ଲ ଓ ବିକାଶ ପ୍ରଧାନଙ୍କ ସମେତ ୨ଶହରୁ ଅଧିକ ଯୁବକ ଯୁବତୀ ଏବେ ସୁଦ୍ଧା ନିଜର ଟଙ୍କା ପାଇବାରୁ ବଞ୍ଚିତ ହୋଇଛନ୍ତି । ତେବେ ଏହି ଅଭିଯୋଗ ପରେ ପଦାଧିକାରୀ କିଛି ଟଙ୍କା ଫେରସ୍ତ କରିବା ସହ ଏକ ନିର୍ଦ୍ଦିଷ୍ଟ ବ୍ୟାଙ୍କର ଚେକ୍ ପ୍ରଦାନ କରିଥିଲେ; ହେଲେ ଚେକ୍ ଜମା ପରେ ବାଉନସ୍ ହୋଇଯାଇଥିଲା । ଏବେ କମ୍ପାନୀର ଦୁଇ ମୁଖ୍ୟଙ୍କ ନାମରେ ଓକିଲ ନୋଟିସ ଯାଇଥିଲେ ମଧ୍ୟ ତାହା ଗ୍ରହଣ ନ କରି ଫେରାର ଥିବା ଅନୁମାନ କରାଯାଉଛି । ତେବେ ଏତେ ଟଙ୍କା କିଭଳି ଫେରିପାଇବେ ସେ ନେଇ ଏବେ ଆଶା ଆଶଙ୍କାରେ ଅଭିଯୋଗକାରୀ । ପୁଲିସ କାହିଁକି ପଦକ୍ଷେପ ନେବାକୁ ଅମଙ୍ଗ ହେଉଛି ତାହା ମଧ୍ୟ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି ।

